بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْد

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସଂଖ୍ୟା 31

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05 ଅଗଷ୍ଟ 2021 | 05 ଜହୁର୍ 1400 ହି.ଶ | 25 ଜୁଲହଜା 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

يَاأَيُّهَا الرَّسُوْلُ بَلِّغْ مَا اُنْزِلَ اِلَيْكَ مِنْ رَّبِّكَ ۖ وَاِنْ لَّمْ تَفْعَلْ فَمَا بَلَّغْتَ رِسَالَتَهٗ ۚ وَاللّٰهُ يَعْصِمُكَ مِنَ النَّاسِ ۗ اِنَّ اللّٰهَ لَا يَهْدِى الْقَوْمَ الْكٰفِرِيْنَ (المائدة:68)

ଅନୁବାଦ- ହେ ରସୁଲ୍ ! ତୁମ ପାଳନକର୍ତାଙ୍କଠାରୁ ତୁମ ପ୍ରତି ଯାହା (ଅର୍ଥାତ ଯେଉଁ ବାଣୀ) ଅବତୀର୍ଣ୍ଣ ହୋଇଛି ତାହାକୁ (ଲୋକମାନଙ୍କ ନିକଟରେ) ପହଂଚାଇ ଦିଅ; ଏବଂ ଯଦି ତୁମ୍ଭେ (ଏପରି) ନ କରିବ; ତେବେ (ଧରାଯିବ ଯେ) ତୁମ୍ଭେ ତାହାଙ୍କର ବାର୍ତା (ଆଦୌ) ପହଂଚାଇ ନାହଁ; ଏବଂ ଅଲ୍ଲାଃ ତୁମ୍ଭଙ୍କୁ ଲୋକମାନଙ୍କ (ଆକ୍ରମଣ)ଠାରୁ ରକ୍ଷା କରିବେ: ଅଲ୍ଲାଃ ଅବିଶ୍ୱାସକାରୀ ଲୋକମାନଙ୍କୁ କଦାପି (ସଫଳତାର) ପଥ ଦେଖାଇବେ ନାହିଁ ।

*(ଅଲ୍‌ମାଇଦା: ୬୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁ'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ମୁଁ ଅଲ୍ଲାଃଙ୍କ ରାଣ ଖାଇ କହିଲି ଯେ ମତେ ଅଲ୍ଲାଃ ତାଲା ଜଣେ ସଂସ୍କାରକ ଭାବରେ ପଠାଇଛନ୍ତି । ଯଦି ସେମାନଙ୍କ ହୃଦୟରେ ଅଲ୍ଲାଃ ତାଲାଙ୍କ ମହାନତା ପାଇଁ ସାମାନ୍ୟ କିଛି ସମ୍ମାନ ଥାନ୍ତା ତା'ହେଲେ ସେମାନେ ମତେ ଅସ୍ୱୀକାର କରିନଥାନ୍ତେ । ସେମାନେ ତାହାଙ୍କୁ ଭୟ କରିଥାନ୍ତେ ଯେ, ଏପରି ନ ହେଉ କି ଏହା ଦ୍ୱାରା ଆମେ ଖୁଦାତାଲାଙ୍କ ନାମକୁ ଅସମ୍ମାନ ଓ ଅବମାନନା ନ କରିଦେଉଁ**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ସତ୍‌କର୍ମର ପରିଚୟ

ଏହି ଲୋକମାନେ ବୁଝୁନାହାନ୍ତି ଯେ ଆମ ଭିତରେ କେଉଁ କଥା ଇସ୍‌ଲାମୀୟ ବିରୋଧି ଅଛି । ଆମେ **ଲା ଇଲାହା ଇଲ୍ଲଲ୍ଲାହୁ** କହୁଛୁ, ନମାଜ ପଢୁଛୁ, ରୋଜା ଦିନ ଗୁଡ଼ିକରେ ରୋଜା ରଖୁଛୁ ଏବଂ ଜକାତ ମଧ୍ୟ ଦେଉଛୁ । କିନ୍ତୁ ମୁଁ ଏହା କହି ରଖେ ଯେ ସେମାନଙ୍କର ଏହି ସମସ୍ତ କାର୍ଯ୍ୟ ବାସ୍ତବିକ ସତକାର୍ଯ୍ୟ ନୁହେଁ ବରଂ ଏକ ଖୋଳପା ସଦୃଶ ଯାହା ଭିତରେ ଶସ ନଥାଏ । ନହେଲେ ଯଦି ଏହା ସତ୍‌କର୍ମ ହୋଇଥାନ୍ତା ତା'ହେଲେ ସେମାନଙ୍କ ମଧ୍ୟରେ ପବିତ୍ର ପରିବର୍ତନ କାହିଁକି ହେଉନାହିଁ? ଉତମ କର୍ମ ସେତେବେଳେ ହୋଇପାରେ ଯେତେବେଳେ ତାହା ପ୍ରତ୍ୟେକ ପ୍ରକାରର ଦୁଷ୍କର୍ମ ଏବଂ ବ୍ୟଭିଚାରରୁ ମୁକ୍ତ ହୋଇଥିବ । କିନ୍ତୁ ସେମାନଙ୍କଠାରେ ଏହି ସବୁ କଥା କେଉଁଠି ଅଛି ? ମୁଁ କଦାପି ଏହା ବିଶ୍ୱାସ କରିପାରିବି ନାହିଁ ଯେ ଜଣେ ମୋମିନ୍ (ଅର୍ଥାତ ଧର୍ମବିଶ୍ୱାସୀ) ଧର୍ମ ପରାୟଣ ହୋଇଥିବ ଏବଂ ସତ୍‌କର୍ମ ବି କରୁଥିବ ପୁଣି ଏହା ସତ୍ତ୍ୱେ ମଧ୍ୟ ସେ ସତ୍‌ପୁରୁଷମାନଙ୍କ ଶତୃ ହୋଇଥିବ । ଏହି ଲୋକମାନେ ମତେ ଜଣେ ଅବିଶ୍ୱାସୀ ଓ ନାସ୍ତିକ ବୋଲି କହୁଛନ୍ତି କିନ୍ତୁ ଈଶ୍ୱରଙ୍କୁ ଭୟ କରୁନାହାନ୍ତି । ମୁଁ ଅଲ୍ଲାଃଙ୍କ ରାଣ ଖାଇ କହିଲି ଯେ ମତେ ଅଲ୍ଲାଃ ତାଲା ଜଣେ ସଂସ୍କାରକ ଭାବରେ ପଠାଇଛନ୍ତି । ଯଦି ସେମାନଙ୍କ ହୃଦୟରେ ଅଲ୍ଲାଃ ତାଲାଙ୍କ ମହାନତା ପାଇଁ ସାମାନ୍ୟ କିଛି ସମ୍ମାନ ଥାନ୍ତା ତା'ହେଲେ ସେମାନେ ମତେ ଅସ୍ୱୀକାର କରିନଥାନ୍ତେ । ସେମାନେ ତାହାଙ୍କୁ ଭୟ କରିଥାନ୍ତେ ଯେ, ଏପରି ନ ହେଉ କି ଏହା ଦ୍ୱାରା ଆମେ ଖୁଦାତାଲାଙ୍କ ନାମକୁ ଅସମ୍ମାନ ଓ ଅବମାନନା ନ କରିଦେଉଁ । କିନ୍ତୁ ଏହା ସେତେବେଳେ ହୋଇପାରିଥାନ୍ତା, ଯେତେବେଳେ ସେମାନେ ଅଲ୍ଲାଃ ତାଲାଙ୍କ ଉପରେ ପ୍ରକୃତ ଓ ସର୍ବୋପରିସ୍ଥ ଅତୁଳନୀୟ ବିଶ୍ୱାସ ରଖିଥାନ୍ତେ ଏବଂ ହିସାବ ନିକାସର ଦିନକୁ ଭୟ କରିଥାନ୍ତେ ଏବଂ **ଲା ତକ୍‌ଫୁ ମା ଲୈସା ଲକା ବିହି ଇଲମ୍** (ବନି ଇସ୍ରାଇଲ୍:୩୭) ଉପରେ ପରିଚାଳିତ ହୋଇଥାନ୍ତେ ।

### ଈଶ୍ୱରଙ୍କ ତରଫରୁ ଆସିଥିବା ସାଧୁସନ୍ଥମାନଙ୍କ ଅସ୍ୱୀକାର କରିବାରେ ବିଶ୍ୱାସ ହାନି ହୋଇଥାଏ

ସେମାନଙ୍କ ମାନସିକତା ଏବଂ ବିଶ୍ୱାସର ଶକ୍ତି ସେମାନଙ୍କୁ ଏପରି ପରିସ୍ଥିତିରେ ପହଂଚାଇ ଦେଇଛି ଯେ ସେମାନେ ଏ ଦାବି କରୁଛନ୍ତି କି ନବୀଙ୍କୁ ଅସ୍ୱୀକାର କରୁଥିବା ବ୍ୟକ୍ତି ହେଉଛି କାଫିର୍ (ଅର୍ଥାତ ଅବିଶ୍ୱାସୀ) କିନ୍ତୁ ଜଣେ ଓ୍ୱଲିଙ୍କୁ ଅସ୍ୱୀକାର କଲେ କୁଫ୍‌ର୍ (ଅବିଶ୍ୱାସ) କାହିଁକି ହେବ । ସେମାନେ ଭାବୁଛନ୍ତି ଯେ, ଜଣେ ବ୍ୟକ୍ତିଙ୍କୁ ଅସ୍ୱୀକାର କରିଦେଲେ କ୍ଷତି କ'ଣ? ଏହି ଲୋକମାନେ ଅଲ୍ଲାଃଙ୍କ ତରଫରୁ ଆସିଥିବା ସାଧୁସନ୍ଥମାନଙ୍କର ପ୍ରତ୍ୟାଖ୍ୟାନ କରିବା ମାମୁଲି କଥା ଭାବୁଛନ୍ତି ଓ କହୁଛନ୍ତି ଯେ ଏପରି କରିବାରେ ଅସୁବିଧା କ'ଣ? କିନ୍ତୁ ସତ୍ୟ ହେଉଛି ଏହା କି ଅଲ୍ଲାଃଙ୍କ ତରଫରୁ ଆସିଥିବା ସାଧୁ ସନ୍ଥମାନଙ୍କୁ ଅସ୍ୱୀକାର କଲେ ବିଶ୍ୱାସ ହାନି ହୋଇଥାଏ, ଯେଉଁ ବ୍ୟକ୍ତି ଏହି ପ୍ରସଙ୍ଗ ଉପରେ ବିଚାର କରିବ ତାକୁ ଏହା ଭଲ ଭାବରେ ସ୍ପଷ୍ଟ ହୋଇଯିବ ବରଂ ଏମିତି ସ୍ପଷ୍ଟ ହୋଇଯିବ ଯେମିତି ସେ ଦର୍ପଣରେ ନିଜର ଚେହେରାକୁ ଦେଖୁଅଛି ।

ମନେରଖିବା ଉଚିତ ଯେ ଜଣେ ଦୁଇଟି ସୋପାନରେ ନିଜର ବିଶ୍ୱାସ ହରାଇଥାଏ । ଗୋଟିଏ ହେଉଛି ଅମ୍ବିୟା ଆ:ସମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା, ଏହାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ ଓ ଏହା ହେଉଛି ଏକ ପ୍ରମାଣସିଦ୍ଧ କଥା । ଦ୍ୱିତୀୟଟି ହେଉଛି ଅଓ୍ୱଲିୟାଅଲ୍ଲାଃ ଅର୍ଥାତ ଅଲ୍ଲାଃଙ୍କ ତରଫରୁ ଆସିଥିବା ସାଧୁସନ୍ଥ ଏବଂ ସଂସ୍କାରକମାନଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

**ହଜ୍‌ରତ୍ ଇବ୍ରାହିମ୍ ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି ଯେ ସନ୍ତାନମାନଙ୍କୁ ସେତିକି ସ୍ନେହ କରିବା ଉଚିତ ଯେତିକିରେ ସେ ବିଗିଡ଼ି ନ ଯିବେ ।**

**ବହୁତ ଗୁଡ଼ିଏ ପାପର କାରଣ ଏହି ସନ୍ତାନ ପ୍ରେମ ହୋଇଥାଏ ଏପରି ପ୍ରେମ ଯାହା ସନ୍ତାନମାନଙ୍କୁ ବିଗାଡ଼ି ଦିଏ ତାହା ପ୍ରେମ ନୁହେଁ ଶତୃତା ହଜ୍‌ରତ୍ ଇବ୍ରାହିମ୍ ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି ଯେ ସନ୍ତାନମାନଙ୍କୁ ସେତିକି ସ୍ନେହ କରିବା ଉଚିତ ଯେତିକିରେ ସେ ବିଗିଡ଼ି ନ ଯିବେ । ତେଣୁ ସେଥିଯୋଗୁଁ ଆମେ ଈଶ୍ୱର ପ୍ରେମକୁ ସନ୍ତାନମାନଙ୍କ ପ୍ରତି ଥିବା ସ୍ନେହ ଓ ପ୍ରେମ ଉପରେ ଅଗ୍ରାଧିକାର ଦେବା ଉଚିତ । ଏଥିରେ ନା କେବଳ ଈଶ୍ୱର ଖୁସି ହୋଇଥାନ୍ତି ବରଂ ନିଜ ସନ୍ତାନମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହା ଏକ ମାଧ୍ୟମ ହୋଇଥାଏ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୩୭ **ରବ୍‌ବି ଇନ୍ନହୁନ୍ନ ଅଜ୍‌ଲଲ୍‌ନା କସିରମ୍ ମିନନ୍ ନାସି ଫମନ୍ ତବିଅନି ଫଇନ୍ନହୁ ମିନ୍ନି ଓ୍ୱମନ୍ ଅସାନି ଫଇନ୍ନକା ଗଫୁରୁର୍ ରହିମ୍** ର ବ୍ୟାଖ୍ୟା କରି କହିଛନ୍ତି:-

ଈଶ୍ୱର ପ୍ରେମର କେଡ଼େ ପବିତ୍ର ପରିପ୍ରକାଶ । ହଜ୍‌ରତ୍ ଇବ୍ରାହିମ୍ ଆ:ସ କହିଛନ୍ତି ଯେ ଯଦି ମୋ ସନ୍ତାନମାନେ ସିର୍କ (ଅନେକେଶ୍ୱରବାଦ ଅର୍ଥାତ ଈଶ୍ୱରଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ) ନ କରିବେ ତା'ହେଲେ ସେମାନେ ମୋ ସନ୍ତାନ ଅନ୍ୟଥା ସେମାନେ (ମୋ ସନ୍ତାନ) ନୁହନ୍ତି । ଏହି ଆୟତରୁ ଏକଥା ମଧ୍ୟ ସ୍ପଷ୍ଟ ହେଉଅଛି ଯେ ସନ୍ତାନମାନଙ୍କ ପ୍ରତି ଥିବା ପ୍ରେମ/ମୋହ ଅନେକ ପାପର କାରଣ ମଧ୍ୟ ହୋଇଥାଏ । ତେଣୁ ହଜ୍‌ରତ୍ ଇବ୍ରାହିମ୍ ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି ଯେ ସନ୍ତାନମାନଙ୍କୁ ସେତିକି ସ୍ନେହ କରିବା ଉଚିତ ଯେତିକିରେ ସେ ବିଗିଡ଼ି ନ ଯିବେ । ଏମିତି ସ୍ନେହ ଯାହା ସନ୍ତାନମାନଙ୍କୁ ଖରାପ କରିଦିଏ ତାହା ଭଲ ପାଇବା ନୁହେଁ ଶତ୍ରୁତା ଅଟେ । ଶାରୀରିକ ଆରାମ୍ ସହିତ ଆଧ୍ୟାତ୍ମିକ ଓ ନୈତିକ

## ନବୀ ସ:ଆ:ସଙ୍କ ବାଣୀ

### ଜକାତ୍ ଦେବା ପାଇଁ ବୟତ୍

(୧୪୦୧) ହଜ୍‌ରତ୍ ଜରିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ନମାଜ ସଠିକ୍ ଭାବରେ ପଢ଼ିବା ପାଇଁ, ଜକାତ୍ ଦେବା ପାଇଁ ଏବଂ ପ୍ରତ୍ୟେକ ମୁସଲମାନମାନଙ୍କର ଶୁଭଚିନ୍ତକ ହେବା ପାଇଁ ନବୀ ସ:ଆ:ସଙ୍କ ବୟତ କଲି ।

### ଜକାତ୍ ଦେଉନଥିବା ଲୋକମାନଙ୍କ ପାପ

(୧୪୦୨) ହଜ୍‌ରତ୍ ଅବୁ ହୁରୈରା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ (କୟାମତ୍ ଦିନ) ଓଟଗୁଡ଼ିକ ସେମାନଙ୍କ ମାଲିକଙ୍କ ନିକଟକୁ ଭଲ ଅବସ୍ଥାରେ ଆସିବେ, ଯେମିତି ସେମାନେ ଥିଲେ । ଯଦି ସେ ସେମାନଙ୍କର ହକ୍ ନ ଦେଇଥିବ, ଯାହା ସେମାନଙ୍କ ସମ୍ବନ୍ଧରେ ଦେବାର ଥିଲା ତା' ହେଲେ ସେହି ଓଟମାନେ ତାକୁ ନିଜ ପାଦରେ ଦଳିଦେବେ । ଛେଳିମାନେ ମଧ୍ୟ ସେମାନଙ୍କ ମାଲିକଙ୍କ ନିକଟକୁ ଭଲ ଅବସ୍ଥାରେ ଆସିବେ ଯେମିତି ସେମାନେ ଥିଲେ । ଯଦି ସେ ସେମାନଙ୍କ ହକ୍ ନ ଦେଇଥିବ, ଯାହା ସେମାନଙ୍କ ସମ୍ବନ୍ଧରେ ଦେବାର ଥିଲା ତା'ହେଲେ ସେମାନେ ନିଜର ଖୁରା ଦ୍ୱାରା ତାକୁ ଦଳିବେ ଓ ସିଙ୍ଗ ସାହାଯ୍ୟରେ ମାରିବେ । ମହାଭାଗ ସ:ଆ:ସ କହିଲେ: ତୁମମାନଙ୍କ ମଧ୍ୟରୁ କେହି କୟାମତ ଦିନ ଏପରି ଅବସ୍ଥାରେ ନ ଆସୁ ଯେ ସେ ଛେଳିକୁ ତା' ନିଜ ବେକରେ ଲଟକାଇ ଥିବ ଓ ସେହି ଛେଳି ଭେଁ ଭେଁ ରଡ଼ି ଛାଡୁଥିବ । ପୁଣି ସେ ଡ଼ାକିବ: ହେ ମୁହମ୍ମଦ୍! ମୁଁ କହିବି: ମୁଁ ତୁମ ପାଇଁ କିଛି କରିପାରିବି ନାହିଁ । ମୁଁ ତ' (ସତ୍ୟର ବାର୍ତା) ସମ୍ପୂର୍ଣ୍ଣ ରୂପେ ପହଂଚାଇ ଦେଇଥିଲି ଏବଂ ନା କୌଣସି ବ୍ୟକ୍ତି ନିଜ ବେକରେ ଓଟ ଉଠାଇ ଲଟକାଇ ଆସୁ ଓ ସେହି (ଓଟ) ବୋବଳି ଛାଡୁଥିବ । ପୁଣି ସେ ଡ଼ାକିବ ହେ ମୁହମ୍ମଦ୍! ମୁଁ କହିବି ମୁଁ ତୁମ ପାଇଁ କିଛି କରିପାରିବି ନାହିଁ । ମୁଁ ତ' (ଅଲ୍ଲାଃଙ୍କ ବାର୍ତା) ଭଲ ଭାବରେ ପହଂଚାଇ ଦେଇଥିଲି ।।

***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ସଂସ୍କାରକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ବହୁତ ଚେଷ୍ଟା କରିବା ପରେ ଯଦି ସନ୍ତାନମାନେ ସଂସ୍କାରୀ ନ ହୁଅନ୍ତି ତା'ହେଲେ ଏମିତି ଏକ ସମୟ ଆସିପାରେ ଯେ ସେମାନଙ୍କଠାରୁ ଅଲଗା ହୋଇଯିବା ଜରୁରୀ ହୋଇଯିବ । କାରଣ ଯେତେବେଳେ ସେମାନେ ଏକଥା ଜାଣୁଛନ୍ତି ଯେ ମାଆ ବାପା ଆମ ଭୂଲ ଓ ତ୍ରୁଟିକୁ ଦେଖି ମଧ୍ୟ ଅଣଦେଖା କରୁଛନ୍ତି ସେମାନେ ଭୂଲ ମାର୍ଗରେ ଚାଲି ଯାଉଛନ୍ତି କିନ୍ତୁ ଯେତେବେଳେ ସେମାନେ ଏହା ଜାଣିବେ କି ଆମ ଭୂଲ ପାଇଁ ଆମକୁ ଉପଯୁକ୍ତ ଦଣ୍ଡ ମିଳିବ ସେତେବେଳେ ସେମାନେ ସୁଧୁରି ଯାଇଥାନ୍ତି ଓ ତାଙ୍କର ସଂସ୍କାର ମଧ୍ୟ ହୋଇଥାଏ । ତେଣୁ ସେଥିଯୋଗୁଁ ଆମେ ଈଶ୍ୱର ପ୍ରେମକୁ ସନ୍ତାନମାନଙ୍କ ପ୍ରତି ଥିବା ସ୍ନେହ ଓ ପ୍ରେମ ଉପରେ ଅଗ୍ରାଧିକାର ଦେବା ଉଚିତ । ଏଥିରେ ନା କେବଳ ଈଶ୍ୱର ଖୁସି ହୋଇଥାନ୍ତି ବରଂ ନିଜ ସନ୍ତାନମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହା ଏକ ମାଧ୍ୟମ ହୋଇଥାଏ ।

**ୱ ମନ୍ ଅସାନି ଫଇନ୍ନକା ଗଫୁରୁର୍ ରହିମ୍** ଆୟତରେ ପୂର୍ବରୁ ଏହା କହିଥିଲେ ଯେ ମୋ ସନ୍ତାନମାନଙ୍କ ମଧ୍ୟରୁ ଯଦି କିଏ ସିର୍କ କରେ ତା'ହେଲେ ସେ ମୋର ସନ୍ତାନ ନୁହେଁ । କିନ୍ତୁ ନବୀମାନଙ୍କର ମନରେ ଦୟାଭାବ ବି ରହିଛି । ସନ୍ତାନଙ୍କୁ ସନ୍ତାନ ନ ଭାବିବା ଏବଂ ଈଶ୍ୱର ପ୍ରେମକୁ ଅଗ୍ରାଧିକାର ଦେବା ହେଉଛି ଅଲଗା କଥା କିନ୍ତୁ ସେମାନଙ୍କ ପାଇଁ ଈଶ୍ୱରଙ୍କଠାରୁ ଦୟା ଓ କ୍ଷମା ପ୍ରାର୍ଥନା କରିବା ଅଲଗା କଥା । ଅତଏବ ହଜ୍‌ରତ୍ ଇବ୍ରାହିମ୍ ଆ:ସ ଦୁଆ କରୁଛନ୍ତି ଯେ ପ୍ରଥମତଃ ମୋ ସନ୍ତାନମାନଙ୍କୁ ସିର୍କରୁ ବଂଚାନ୍ତୁ କିନ୍ତୁ ଯଦି ସେମାନଙ୍କ ମଧ୍ୟରୁ କେହି ମୋ ପଦ୍ଧତି ବିରୁଦ୍ଧରେ ଯାଆନ୍ତି, ତା'ହେଲେ ତାକୁ ମୁଁ ଏହା କହିବି ଯେ ସେ ମୋ ସନ୍ତାନ ନୁହେଁ । କିନ୍ତୁ (ହେ ଅଲ୍ଲାଃ !) ତୁମେ ଯେହେତୁ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ତେଣୁ ସେଥି ପାଇଁ ମୁଁ ଏ ଆଶା ରଖିଛି ଯେ ତୁମେ ସେମାନଙ୍କର ପାପକୁ କ୍ଷମା କରିଦିଅ ଓ ସେମାନଙ୍କ ଉନ୍ନତି ପାଇଁ ଉପକରଣ ଓ ସାଧନ ଉପଲବ୍ଧ କରୁଥାଅ । ଏହି ଆୟତରେ ଏକଥା ବତାଯାଇଅଛି ଯେ ସନ୍ତାନମାନଙ୍କ ଉପରେ ନାରାଜ୍ ହେବାର ଅର୍ଥ ଏହା ନୁହେଁ ଯେ ସେମାନଙ୍କ ପ୍ରତି କଠୋର ହୃଦୟ ପୋଷଣ କର ବରଂ ଉପରେ ଦଣ୍ଡ ମିଳୁ କିନ୍ତୁ ମନ ଭିତରେ ସେମାନଙ୍କ ପାଇଁ ପ୍ରାର୍ଥନା କରୁଥାଅ । ସେମାନଙ୍କ ସଂସ୍କାର ଓ ସୁଧାର ପ୍ରତି ନଜର ରଖାଯାଉ ନା କି ସେମାନଙ୍କ ବିନାଶ ପ୍ରତି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୪୮୪.......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଅସ୍ୱୀକାର କରିବା ଦ୍ୱାରା ଜଣେ ବିଶ୍ୱାସ ହରାଇଥାଏ ।

ଅମ୍ବିୟାମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ବିଶ୍ୱାସ ହାନି ହେବା ଏକ ସ୍ୱଷ୍ଟ ବିଷୟ । ଏ ସମ୍ବନ୍ଧରେ ସମସ୍ତେ ଜାଣିଛନ୍ତି । କିନ୍ତୁ ପୁଣି ମଧ୍ୟ ଏହା ମନେ ରଖିବା ଉଚିତ ଯେ ଅମ୍ବିୟା ଆ:ସଙ୍କୁ ଅସ୍ୱୀକାର କରିବା ଯୋଗୁଁ ବିଶ୍ୱାସହାନି ଏଥିପାଇଁ ହୋଇଥାଏ ଯେ ନବୀ କହିଥାନ୍ତି କି ଆମ୍ଭେ ଈଶ୍ୱରଙ୍କ ତରଫରୁ ଆସିଅଛୁ । ଅଧିକନ୍ତୁ ଈଶ୍ୱର ଏହା କହିଛନ୍ତି ଯେ ଯାହା କିଛି ଏମାନେ କହୁଛନ୍ତି ତାହା ହେଉଛି ମୋର ବଚନ । ଏଇ ମୋ ନବୀ ମୁଁ ଏମାନଙ୍କୁ ପଠାଉଛି ତେଣୁ ଏମାନଙ୍କ ଉପରେ ବିଶ୍ୱାସ ଆଣ, ମୋ ପୁସ୍ତକକୁ ମାନ ଏବଂ ମୋ ଆଦେଶାବଳୀ ଉପରେ ପରିଚାଳିତ ହୁଅ । ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ପୁସ୍ତକ ଉପରେ ବିଶ୍ୱାସ କରେନାହିଁ ଏବଂ ଯିଏ ଏଥିରେ ନିର୍ଦ୍ଦେଶିତ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହୁଏ ନାହିଁ, ସେ ଏ ସବୁକୁ ଅସ୍ୱୀକାର କରି କାଫିର୍ (ଅବିଶ୍ୱାସକାରୀ) ହୋଇଯାଏ । କିନ୍ତୁ ସାଧୁସନ୍ଥମାନଙ୍କୁ ପ୍ରତ୍ୟାଖ୍ୟାନ କରିବାରେ ବିଶ୍ୱାସର ଯେଉଁ ହାନି ହୋଇଥାଏ, ତାହାର ସ୍ଥିତି ଅଲଗା । ଗୋଟିଏ ହଦିସ୍‌ରେ ଆସିଛି ଯେ ଅଲ୍ଲାଃ ତାଲା କହୁଛନ୍ତି **ମନ୍ ଆଦା ଲି ୱଲିୟନ୍ ଫଆଜନ୍‌ତୁହୁ ଲିଲ୍ ହର୍‌ବି** ଅର୍ଥାତ ଯେଉଁ ବ୍ୟକ୍ତି ମୋ ବନ୍ଧୁଙ୍କ ସହିତ ଶତୃତା କରିଥାଏ ସେ ଯେପରି ମୋ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ରହିଥାଏ । ***(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୩୧୩ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ......*

ମସ୍‌ଜିଦ୍‌ରୁ ବାହାରକୁ ନଯାଉ ଏବଂ ରୋଜା ନ ରଖିଥିଲେ ଏତେକାଫ୍ ହେବ ନାହିଁ ଏଂବ ଜାମେ ମସ୍‌ଜିଦ୍ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଏତେକାଫ୍ ବସିବା ଠିକ୍ ନୁହେଁ ।

ଅତଏବ ପବିତ୍ର କୁର୍‌ଆନ୍ ଏବଂ ହଦିସ୍ ମୁତାବକ ପବିତ୍ର ରମ୍‌ଜାନ୍ ମାସରେ ଏତେକାଫ୍ ଅତିକମ୍‌ରେ ଦଶ ଦିନ ହୋଇଥାଏ ଓ ସେଥି ସକାଶେ ମସ୍‌ଜିଦ୍‌ରେ ବସିବାକୁ ପଡ଼େ ।

ହଁ ରମ୍‌ଜାନ୍ ବ୍ୟତୀତ ସାଧାରଣ ଅନ୍ୟ ଦିନମାନଙ୍କରେ ଯଦି ପୂଣ୍ୟ ହାସଲ କରିବା ପାଇଁ ଜଣେ ନିଜ ଘରେ ଏତେକାଫ୍ କରିବାକୁ ଚାହୁଁଥାଏ, ତାହାକୁ ଏହା କରିବାପାଇଁ ଅନୁମତି ଅଛି । କୌଣସି ମନା ନାହିଁ । ଏତଦ୍‌ବ୍ୟତୀତ କିଛି ଫୋକ୍‌ହାଆ (ଧର୍ମଜ୍ଞାନୀ) ମାନେ ମହିଳାମାନଙ୍କୁ ଘରେ ଏତେକାଫ୍ କରିବା ପାଇଁ ଉଚିତ ମଣିଛନ୍ତି । ସୁତରାଂ ଫିକା (ଧର୍ମ ସମ୍ବନ୍ଧିତ ଆଇନ କାନୁନ୍ ପୁସ୍ତକ)ର ପ୍ରଶିଦ୍ଧ ପୁସ୍ତକ କିତାବ ହିଦାୟାରେ ଲେଖା ଯାଇଅଛି:-

**ଅଲ୍ମଲ୍ ମର୍‌ଅତୁ ତାତକିଫୁ ଫି ମସ୍‌ଜିଦ୍ ବଇତହା** ***(ହିଦାୟା ବାବ୍ ଏତେକାଫ୍)***

ଅର୍ଥାତ:- ମହିଳାମାନେ ନିଜ ଘରେ ନମାଜ ପାଠ କରୁଥିବା ସ୍ଥାନରେ ଏତେକାଫ୍ ବସି ପାରିବେ ।

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏ ସମ୍ବନ୍ଧରେ କହିଛନ୍ତି: "ମସ୍‌ଜିଦ୍ ବାହାରେ ଏତେକାଫ୍ ହୋଇପାରିବ କିନ୍ତୁ ମସ୍‌ଜିଦ୍‌ରେ ଯେଉଁ ପୂଣ୍ୟ ମିଳିଥାଏ ତାହା ମିଳିପାରିବ ନାହିଁ ।" ***(ଦୈନିକ ଅଲ୍‌ଫଜଲ୍ ୬ ମାର୍ଚ୍ଚ ୧୯୯୬)***

ପ୍ରଶ୍ନ:- ୨୦୧୩ ମସିହା ଅକ୍ଟୋବର ମାସ ୧୨ ତାରିଖ ଦିନ ଗୁଲ୍‌ଶନେ ୱକ୍‌ଫ୍ ନୌ ଅଷ୍ଟ୍ରେଲିଆର ପ୍ରୋଗ୍ରାମରେ ଗୋଟିଏ ଝିଅପିଲା ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଜାଣିବାକୁ ଚାହିଁଲେ ଯେ ଝିଅ ପିଲାମାନଙ୍କୁ କେତେ ବୟସରେ ସ୍କାର୍ଫ ଘୋଡ଼ିବା ଉଚିତ ? ହଜୁର ଅନଓ୍ୱର ଅ:ବ:ଅ ଏହି ପ୍ରଶ୍ନର ଉତର ଦେଇ କହିଲେ:

ଉତର: ଯେବେ ତୁମେ ପାଂଚ ବର୍ଷର ହୋଇଯିବ ସେତେବେଳେ ତୁମକୁ ବିନା Leggings ରେ ଫର୍କ ପିନ୍ଧିବା ଠିକ୍ ନୁହେଁ । ତୁମର ଗୋଡ଼ ଗୁଡ଼ିକ ଢ଼ଙ୍କା ହେବା ଦରକାର ଯଦ୍ୱାରା ତୁମକୁ ଏ ଅନୁଭବ ହେବ ଯେ ଧିରେ ଧିରେ ଆମ ଡ୍ରେସ୍ ଆମ ଶରୀରକୁ Cover କରିବା ଉଚିତ । Sleevless ଫର୍କ ପିନ୍ଧିବା ଉଚିତ ନୁହେଁ । ପୁଣି ତୁମେ ଯେତେବେଳେ ଛଅ ବର୍ଷର ହୋଇଯିବ, ସେତେବେଳେ ତୁମ Leggings ଆହୁରି ଅଧିକା ଯତ୍ନବାନ ହେବା ଉଚିତ ଏବଂ ଯେବେ ତୁମେ ଦଶବର୍ଷର ହୋିଯିବ ସେତେବେଳେ ଅଳ୍ପ ଅଳ୍ପ ସ୍କାର୍ଫ ପିନ୍ଧିବା ଅଭ୍ୟାସରେ ପକାଅ । ଯେବେ ଏଗାର ବର୍ଷର ହୋଇଯିବ ସେତେବେଳେ ପୁଣି ସମ୍ପୂର୍ଣ୍ଣ ସ୍କାର୍ଫ ପିନ୍ଧ । ସ୍କାର୍ଫ ପିନ୍ଧିବାରେ ତ' କିଛି ଅସୁବିଧା ନାହିଁ ? ଏଠାରେ ତ ଶିତ ଦିନେ ଲୋକମାନେ ସ୍କାର୍ଫ ପିନ୍ଧୁଛନ୍ତି । ଯେତେବେଳେ ଥଣ୍ଡା ପଡୁଛି ସେତେବେଳେ କ'ଣ ଲୋକମାନେ ନିଜର କାନ ଢ଼ାଙ୍କୁ ନାହାନ୍ତି କି ? ତାହା ହିଁ ତ ସ୍କାର୍ଫ । ତେଣୁ ସେହି ପରିକା ସ୍କାର୍ଫ ପିନ୍ଧନ୍ତୁ ।

କିଛି ଝିଅ ଏପରି ଅଛନ୍ତି ଯେଉଁମାନେ ଦଶ ବର୍ଷ ବୟସରେ ବି ଛୋଟ ଦେଖାଯାଆନ୍ତି । କିଛି ପିଲା ଏମିତି ଅଛନ୍ତି ଯେଉଁମାନେ ଦଶବର୍ଷ ବୟସରେ ବାର ବର୍ଷର ଝିଅଙ୍କ ପରି ଦେଖାଯାଆନ୍ତି । ସେମାନଙ୍କ ଉଚ୍ଚତା ବଢ଼ିଯାଇଥାଏ । ତେଣୁ ପ୍ରତ୍ୟେକ ଝିଅପିଲା ଏହା ଦେଖୁ ଯେ ସେ ଯଦି ବଡ଼ ଦେଖାଯାଉଛି, ତେବେ ତାକୁ ସ୍କାର୍ଫ ପିନ୍ଧିବା ଉଚିତ । ଯଦି ଛୋଟ ବୟସରେ ସ୍କାର୍ଫ ଅଭ୍ୟାସ କରିବ ତା'ହେଲେ ଆଗକୁ ଆଉ ଲାଜ ଲାଗିବ ନାହିଁ । ନଚେତ ଜୀବନ ସାରା ଲାଜ କରୁଥିବ । ଯଦି ତୁମେ ଏକଥା କହିବ ଯେ ବାର ବର୍ଷ ବୟସରେ, ତେର ବର୍ଷ ବୟସରେ, ଚଉଦ ବର୍ଷ ବୟସରେ ଯାଇ ସ୍କାର୍ଫ ପିନ୍ଧିବି, ତା'ହେଲେ ପୁଣି ଭାବୁଥିବ ଓ ଏହା କରିବାକୁ ଲାଜ ଲାଗିବ । ପୁଣି ଯଦି ତୁମେ ଭାବିବ ଯେ ଏପରି କଲେ କାଳେ ଝିଅପିଲାମାନେ ଥଟ୍ଟା ପରିହାସ କରିବେ ଓ ସ୍କାର୍ଫ ପିନ୍ଧିଲେ ମତେ ଦେଖି ହସିବେ ବୋଲି ତା'ହେଲେ ଏମିତି ଭାବୁଥିବ । ତେଣୁ ବେଳେବେଳେ ଅଳ୍ପ ବୟସରୁ ସ୍କାର୍ଫ ପିନ୍ଧିବା ଆରମ୍ଭ କରିଦିଅ ଏବଂ ଝିଅପିଲାମାନଙ୍କ ସାମନାରେ ବି ସ୍କାର୍ଫ ପିନ୍ଧ ଯଦ୍ୱାରା ତୁମର ଲାଜ ସରମ ଶେଷ ହୋଇଯିବ । ପୁଣି ତୁମେ ଯେବେ ବଡ଼ ଦେଖାଯିବ ସେତେବେଳେ ସମ୍ପୂର୍ଣ୍ଣ ରୂପେ ସ୍କାର୍ଫ ପିନ୍ଧ । ଠିକ୍ ଅଛି ବୁଝିପାରିଲ ? ତୁମ ପାଇଁ ଏତିକି ଯଥେଷ୍ଟ ଓ ବଡ଼ ବୟସର ଝିଅମାନଙ୍କ ପାଇଁ ଏତିକି ଯଥେଷ୍ଟ ଯେ ପର୍ଦ୍ଦା କରିବାର ଅସଲ କଥା ହେଉଛି ଏହା କି ଝିଅମାନଙ୍କ ମଧ୍ୟରେ ଲଜ୍ଜାଶୀଳତାର ଗୁଣ ରହିବା ଉଚିତ । ଏବେ ଯେଉଁ ୟୁରୋପୀୟମାନେ ଅଛନ୍ତି, ତଥା Wester Infuence ମଧ୍ୟରେ ଅଛନ୍ତି, ଏମାନେ ପୁରୁଣା ଯୁଗରେ ଏମାନଙ୍କର ଡ୍ରେସ୍ ଏ ପର୍ଯ୍ୟନ୍ତ ରହୁଥିଲା (ଏହି ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ହାତର ମଣି ବନ୍ଧ ପର୍ଯ୍ୟନ୍ତ ଇସାର କରି ଦେଖାଇଲେ) ସେତେବେଳେ ଲମ୍ବା ମେକ୍ସି ଫର୍କ ପିନ୍ଧୁଥିଲେ । ଏବେ ତ' ଏମାନେ ଉଲଗ୍ନ ହୋଇ ବୁଲୁଛନ୍ତି ନା ?

ପ୍ରଶ୍ନ ହେଉଛି ଏହା କି ପୁରୁଷମାନେ ଭଲ ଏବଂ Well Dressed ସେତେବେଳେ ହୋଇଥାନ୍ତି ଯେବେ ସେ ଫୁଲ୍ ପ୍ୟାଂଟ ପିନ୍ଧିଥାଏ, କୋଟ୍ ପିନ୍ଧିଥାଏ, ଟାଇ ଲଗାଇଥାଏ । ଯେବେ କି ମହିଳାମାନଙ୍କୁ କୁହାଯାଉଛି ଯେ ତୁମେ Well Dressed ସେତେବେଳେ ହେବ ଯେବେ ତୁମେ ମିନି ସ୍କର୍ଟ ପିନ୍ଧିବ । ମୁଁ ଏହି ଫିଲୋସଫିକୁ ବୁଝିପାରୁନାହିଁ ।

ତେଣୁ ଏହି ମହିଳାମାନଙ୍କୁ ଦେଖନାହିଁ । ଏବଂ ଏପରି ମହିଳାମାନଙ୍କୁ ଦେଖ ନାହିଁ ଯେଉଁମାନେ ନିଜକୁ ଉଲଗ୍ନ ରଖୁଛନ୍ତି ଓ ନିଜର ବେଇଜ୍ଜତି ନିଜେ କରୁଛନ୍ତି । ତେଣୁ ଅହେମଦୀ ଝିଅ ଓ ଅହେମଦୀ ମହିଳାମାନଙ୍କର ସମ୍ମାନ ଏଥିରେ ରହିଛି ଯେ ସେମାନେ ନିଜର ଲଜ୍ଜାଶୀଳ ସ୍ୱଭାବକୁ ପ୍ରତିଷ୍ଠା କରନ୍ତୁ କାରଣ ଅସଲ ଜିନିଷ ହେଉଛି ଲଜ୍ଜା ଏବଂ ଏହି ଲଜ୍ଜାଶୀଳତା ଯୋଗୁଁ ଅନ୍ୟମାନେ ତୁମ ଉପରେ କୁଦୃଷ୍ଟି ପକାଇବେ ନାହିଁ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ଦୁଃଖ ! ଦୁଃଖ ! ମୁଁ କେଡ଼େ ଖରାପ ତତ୍ତ୍ୱାବଧାରକ ହେବି । ଯଦି ମୁଁ ଏହାର ଭଲ ଜିନିଷ ଗୁଡ଼ିକୁ ଖାଇବି ଓ ଲୋକମାନଙ୍କୁ ଏହାର ଖରାପ ଭାଗକୁ ଖୁଆଇବି । ଏହି ପାତ୍ରକୁ ଉଠାଇ ନିଅ । ଆ ବଦଳରେ ଆମ ପାଇଁ ଆଉ କିଛି ଖାଇବାକୁ ଆଣିଦିଅ ।'' (ହଜ୍‌ରତ୍ ଉମର୍ ର:ଅ)

ହଜ୍‌ରତ୍ ଉମର୍ ର:ଅ ରସୁଲେ୍ କରିମ୍ ସ:ଆ:ସଙ୍କ ଗୋଟିଏ ନିର୍ଦ୍ଦେଶ ଅନୁଯାୟୀ ଯେବେ ଇହୁଦୀ ଓ ଇସାଇମାନଙ୍କୁ ୟମନ୍‌ରୁ ବାହାର କରିଲେ, ସେମାନଙ୍କ ଜମିବାଡ଼ି ଜବତ କଲେନାହିଁ ବରଂ ସେମାନଙ୍କଠାରୁ ତାହା କିଣିଲେ

ହଜ୍‌ରତ୍ ଉମର୍ ର:ଅଙ୍କ ଯୁଗରେ ୧୭ ହିଜ୍‌ରୀରେ ମସ୍‌ଜିଦ୍ ନବଓ୍ୱିର ପ୍ରଶସ୍ତିକରଣ ହେଲା । ଜନଗଣନା ଆରମ୍ଭ କରାଗଲା, ପ୍ରଜାମାନଙ୍କ ପାଇଁ **Rationing System** (ରାଶନ ବ୍ୟବସ୍ଥା) ଲାଗୁ କରାଗଲା । ଶୁରା ସ୍ଥାପନ ହେଲା, ରାଜସ୍ୱ ବ୍ୟବସ୍ଥା ପ୍ରତିଷ୍ଠା କରାଗଲା । କୃଷିର ଉନ୍ନତି ପାଇଁ ପଦକ୍ଷେପ ନିଆଗଲା ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣଗାରିମାର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା

ଅବ୍‌ଦୁଲ୍ଲାଃ ବିନ୍ ଇବ୍ରାହିମ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ସର୍ବପ୍ରଥମେ ମସ୍‌ଜିଦ୍ ନବଓ୍ୱିରେ ଯିଏ ଚଟେଇ ବିଛାଇଥିଲେ, ସେ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ଥିଲେ ।

ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଯେଉଁ ବ୍ୟକ୍ତି ଆମିଲ୍ (କର ଆଦାୟ କରିବାପାଇଁ କର୍ମକର୍ତ୍ତା) ରୂପେ ନିୟୋଜିତ ହେଉଥିଲେ, ସେମାନଙ୍କଠାରୁ ଏ ଶପଥ ନିଆଯାଉଥିଲା କି ସେମାନେ ତୁର୍କ ଘୋଡ଼ା ଉପରେ ଆରୋହଣ କରିବେନାହିଁ । ପତଳା ବସ୍ତ୍ର ପିନ୍ଧିବେ ନାହିଁ । ଛଣା ଯାଇଥିବା ପତଳା ଅଟା ଖାଇବେ ନାହିଁ । ଦ୍ୱାର ଦେଶରେ ଦର୍‌ବାନ୍ ରଖିବେ ନାହିଁ । ଅଭାବୀ ଲୋକମାନଙ୍କ ପାଇଁ ସବୁବେଳେ ଦୁଆର ଖୋଲା ରଖିବେ ।

ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ଲୈଲା କହିଲେ:- ତୁମେ ମୋ ବୟସର ଅନୁମାନ ଏପରି ଲଗାଇପାରିବ ଯେ ରସୁଲେ୍ କରିମ୍ ସ:ଆ:ସ ଉସାମା ବିନ୍ ଜୈଦ ର:ଅଙ୍କୁ ଦଶ ହଜାର ସାହାବା ମାନଙ୍କର ସର୍ଦ୍ଦାର କରି ପଠାଇଥିଲେ ଓ ସେଥିରେ ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ବି ସାମିଲ ଥିଲେ । ସେତେବେଳେ ଉସାମା ବିନ୍ ଜୈଦ୍‌ଙ୍କର ଯାହା ବୟସ ଥିଲା ତା'ଠାରୁ ମୋର ବୟସ ଏକ ବର୍ଷ ଅଧିକା ।

ମର୍କଜର ଅହେମଦୀୟା ଆର୍କାଇଭ୍ ଏବଂ ରିସର୍ଚ୍ଚ ସେଂଟର ବିଭାଗ ତରଫରୁ ପ୍ରସ୍ତୁତର କରାଯାଇଥିବା ଅହେମଦୀୟା ଏନ୍‌ସାଇକ୍ଲୋପିଡ଼ିଆର ୱେବ୍‌ସାଇଟ୍ **www.ahmadipedia.org**ର ଶୁଭାରମ୍ଭ ଘୋଷଣା ଏହି ୱେବସାଇଟ୍ ସମସ୍ତ ଜମାତ୍‌ର ସାହାଯ୍ୟ ସହଯୋଗ ଦ୍ୱାରା ଜାରି ରହିବା ପ୍ରୋଜେକ୍ଟ ହେବ ଏବଂ ଇନ୍‌ଶାଅଲ୍ଲାଃ ପ୍ରତ୍ୟେକ ଅହେମଦୀଙ୍କୁ ଏଥିରୁ ଲାଭ ମିଳିବ

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍: ୦୨ ଜୁଲାଇ ୨୦୨୧ ଅନୁଯାୟୀ ୦୨ ୱଫା ୧୪୦୦ ହିଜ୍‌ରି ଶମ୍‌ସି)

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବିଗତ ଖୁତ୍‌ବାରେ ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ, ୟମନ୍ ଦେଶ ଖ୍ରୀଷ୍ଟିୟାନ ଓ ଇହୁଦୀମାନଙ୍କର ଅଧିନରେ ଥିଲା । ଔପଚାରିକ ଭାବରେ କହିବାକୁ ଗଲେ ଉକ୍ତ ଭୂମି ଉପରେ ସରକାରଙ୍କର ସତ୍ତ୍ୱାଧିକାରୀ ଥିଲା । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ସେମାନଙ୍କୁ ଆରବ ଭୂମିରୁ ବିତାଡ଼ିତ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ଠାରୁ ଭୂମି ଜବର ଦଖଲ କରି ଉଚ୍ଛେଦ କଲେନାହିଁ । ବରଂ ସେମାନଙ୍କ ଠାରୁ ଉକ୍ତ ଜମି କିଣି ନେଇଥିଲେ । ୟମନ୍‌ର ଭୂମି ଯାହା ଇସାଇ ଏବଂ ଇହୁଦୀମାନଙ୍କ ଅଧିନରେ ଥିଲା ତାହା ଖରାଜି ଥିଲା କିନ୍ତୁ ଯେତେବେଳେ ସେହି ଜମିକୁ ଇହୁଦୀ ଏବଂ ଇସାଇମାନଙ୍କଠାରୁ ନେଇ ନିଆଗଲା ଓ ସେମାନଙ୍କୁ ଆରବର ଭୂଖଣ୍ଡରୁ ବାହାର କରିଦିଆଗଲା, ସେହି ଜମି ଖରାଜି ଥିବା ସତ୍ତ୍ୱେ ମଧ, ଏବଂ ନିୟମାନୁସାରେ ତାହାର ମାଲିକ ସରକାର ହୋଇଥିବା ସତ୍ତ୍ୱେ ମଧ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କଠାରୁ ସେହି ଜମିକୁ ଛଡ଼ାଇ ନେଲେନାହିଁ ବରଂ ଖରିଦ୍ କଲେ । ସୁତରାଂ ଫତହୁଲ୍‌ବାରୀ ଶରହ୍ ବୁଖାରୀରେ ଏହି ହଦିସ୍ ରହିଛି ଯେ **ଅନ୍ ୟହୟା ଇବ୍‌ନେ ସଇଦିନ୍........ ଅର୍‌ଜିହମ୍ ୱ କୁରୁମହୁମ୍** ଅର୍ଥାତ ୟହ୍‌ୟା ବିନ୍ ସଇଦ୍ ବର୍ଣ୍ଣନା କରୁଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ନଜ୍‌ରାନ୍‌ର ଅବିଶ୍ୱାସକାରୀ, ଇହୁଦୀ ଓ ଖ୍ରୀଷ୍ଟିୟାନମାନଙ୍କୁ ନିର୍ବାସିତ କଲେ, ସେତେବେଳେ ଆପଣ ର:ଅ ସେମାନଙ୍କର ଜମିଗୁଡ଼ିକୁ କିଣି ନେଇଥିଲେ । ଏହା ପ୍ରକାଶ୍ୟ ଯେ ଇହୁଦୀମାନଙ୍କର ଜମି ଉଶ୍‌ରି ହୋଇ ନପାରେ କାରଣ ଯଦି ତାହା ଉଶ୍‌ରି (କିସମର) ଥିଲା ତା'ହେଲେ ତାହାର ମାଲିକ କୌଣସି ଜଣେ ମୁସଲମାନ ହେବା ଉଚିତ ତେଣୁ ଇହୁଦୀମାନଙ୍କଠାରୁ ତାହା ଖରିଦ୍ କରିବାର କୌଣସି ପ୍ରଶ୍ନ ହିଁ ନଥିଲା । ତାହା ନିଶ୍ଚିତ ଭାବରେ ଖରାଜି (କିସମର) ଜମି ଥିଲା । ଯେମିତି ହିନ୍ଦୁସ୍ତାନର ଜମିକୁ ଖରାଜି କୁହାଯାଇଥାଏ । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ସେହି ଜମିକୁ ଖରାଜି ଅଭିହିତ କର ଏବଂ ସରକାରଙ୍କୁ ତାହାର ମାଲିକାନା ସତ୍ତ୍ୱ ପ୍ରଦାନ କରି ଜବତ କଲେନାହିଁ ବରଂ ତାହାକୁ କିଣିନେଲେ । ଯଦି କିଏ ଏକଥା କହେ କି ସେହି ଜମି ନା ଖରାଜି ଥିଲା ନା ଉଶ୍‌ରୀ ବରଂ ଅନ୍ୟ କୌଣସି କିସମର ହୋଇଥିବ ତାହେଲେ ତା'ର ଏହି ଚିନ୍ତାଧାରା ଉଭଟ ଚିନ୍ତାଧାରା ହେବ ଓ ଇସ୍‌ଲାମୀୟ ଶରିୟତ୍ (ନିୟମ କାନୁନ) ବିଷୟରେ ଅଜ୍ଞତାର ଲକ୍ଷଣ ହେବ । ଉଶ୍‌ରୀ ଏବଂ ଖରାଜି କିସମର ଜମି ବ୍ୟତିତ ଇସ୍‌ଲାମ୍‌ରେ ଅନ୍ୟ କୌଣସି କିସମ ନାହିଁ । ହଁ ଯେଉଁ ଜମିଗୁଡ଼ିକ ବେକାର ପଡ଼ିଥିବ ଓ ତାହାର ମାଲିକ କେହି ଜଣେ ବ୍ୟକ୍ତି ନ ହୋଇଥିବେ ।

ସୁତରାଂ ଇହୁଦୀ, ଇସାଇ ଏବଂ ମୁଶ୍‌ରିକ୍ (ପିତୁଳା ପୂଜକ) ଯେଉଁମାନେ ନଜ୍‌ରାନ୍‌ରେ ବସବାସ କରୁଥିଲେ, ସେମାନଙ୍କର ଜମି ଖରାଜି ଥିଲା ଅଥବା ଉଶ୍‌ରୀ ଥିଲା । କିନ୍ତୁ ଏହି ଦୁଇ ଉଭୟ କ୍ଷେତ୍ରରେ ହଜ୍‌ରତ୍ ଉମର୍ ର:ଅ ସେହି ଜମିକୁ କବ୍ଜା କରିଥିବା ଲୋକମାନଙ୍କୁ ଜମିର ମାଲିକାନା ସତ୍ତ୍ୱ ପ୍ରଦାନ କରିଥିଲେ । ପୁଣି ସେହି ଜମିକୁ ସେମାନଙ୍କଠାରୁ ଖରିଦ୍ କରିଥିଲେ ।

***(ଇସ୍‌ଲାମ୍ ଅଓର୍ ମଲକିୟତେ ଜମିନ୍, ଖଣ୍ଡ-୨୧, ପୃ-୪୪୪, ୪୭୮-୪୭୯)***

ଇସ୍‌ଲାମ୍ ଧର୍ମରେ ଯୁଦ୍ଧରେ ବନ୍ଦୀ ହୋଇଥିବା କୈଦିମାନଙ୍କୁ କ୍ରୀତସାଦ କରିବା ପ୍ରଥା ନିଷିଦ୍ଧ ହେବା ପ୍ରସଙ୍ଗରେ ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି ଯେ, ଅଲ୍ଲାଃ ତାଲା ବର୍ଣ୍ଣନା କରିଛନ୍ତି କି **ତୁରିଦୁନା ଅରଜଦ୍ ଦୁନ୍‌ୟା** ଅର୍ଥାତ ହେ ମୁସଲମାନମାନେ ! କ'ଣ ତୁମେମାନେ ଅନ୍ୟମାନଙ୍କ ପରି ଏହା ଚାହୁଁଛ ଯେ, ଅନ୍ୟ ଧର୍ମାବଲମ୍ବୀୟ ବ୍ୟକ୍ତିମାନଙ୍କୁ କରାୟତ କରି ନିଜର ଶକ୍ତିକୁ ଅଭିବୃଦ୍ଧି କରିନେବ ? **ୱଲ୍ଲାହୁ ୟୁରିଦୁଲ୍ ଆଖିରାଃ** ଅର୍ଥାତ ଅଲ୍ଲାଃ ତାଲା କଦାପି ଏହା ଚାହାନ୍ତି ନାହିଁ ଯେ ତୁମେ ସଂସାର ପଛରେ ଚାଲ ବରଂ ସେ ତୁମମାନଙ୍କୁ ନିଜର ଆଦେଶାବଳୀ ଉପରେ ପରିଚାଳିତ ହେବା ପାଇଁ କହନ୍ତି ଏବଂ ଯାହା ତୁମ ପାଇଁ ପରିଣାମ ଦୃଷ୍ଟିକୋଣରୁ ଉତମ ହେବ । ଅତଏବ ତୁମେମାନେ ସେହିମାନଙ୍କୁ ହିଁ କୈଦୀ କରି ରଖ ଯେଉଁମାନେ ଯୁଦ୍ଧରେ ବନ୍ଦୀ ହୋଇଛନ୍ତି । ଅନ୍ୟମାନଙ୍କୁ ବନ୍ଦୀ କରି ରଖିନାହିଁ । ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ଆଦେଶକୁ ପାଳନ କରିବା କ୍ଷେତ୍ରରେ କଠୋରତା ଅବଲମ୍ବନ କରାଯାଉଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ୟମନ୍‌ରୁ ଏକ (ଇହୁଦୀ) ପ୍ରତିନିଧିମଣ୍ଡଳ ଆସିଲା ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଏହି ଅଭିଯୋଗ କଲା ଯେ, ଇସ୍‌ଲାମ୍ ଧର୍ମ ଆଗମନ ପୂର୍ବରୁ ଖ୍ରୀଷ୍ଟିୟାନ୍‌ମାନେ ସେମାନଙ୍କୁ ବିନା କୌଣସି ଯୁଦ୍ଧରେ ଅକାରଣରେ କ୍ରୀତାଦସ କରି ନେଇଥିଲେ ଅନ୍ୟଥା ଆମେମାନେ ସ୍ୱାଧିନ କବିଲା ଥିଲୁ । ତେଣୁ ଆମକୁ ଏହି ଗୁଲାମିରୁ ମୁକ୍ତି କରିଦିଆଯାଉ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯଦିଓ ଏହି ମାମଲା ଇସ୍‌ଲାମ୍ ପୂର୍ବର ମାମଲା ତଥାପି ମୁଁ ଏ ପ୍ରସଙ୍ଗରେ ଅନୁସନ୍ଧାନ କରିବି । ଯଦି ତୁମର କଥା ଠିକ୍ ପ୍ରମାଣିତ ହେବ ତା'ହେଲେ ତୁମକୁ

ଯଥାଶିଘ୍ର ସ୍ୱାଧିନ କରିଦିଆଯିବ। କିନ୍ତୁ ଏହାର ବିପରୀତ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଆଜିକାଲିର ୟୁରୋପୀୟ ଶିକ୍ଷା ର ତୁଳନା କରୁଛନ୍ତି। ଦେଖନ୍ତୁ ଇସ୍‌ଲାମ୍‌ର କ'ଣ ଶିକ୍ଷା ଥିଲା ଯାହା ଉପରେ ହଜ୍‌ରତ୍ ଉମର୍ ର:ଅ ପରିଚାଳିତ ହେଲେ ଓ ଏ ସମ୍ବନ୍ଧରେ ସେହି ପ୍ରତିନିଧିମଣ୍ଡଳକୁ ସାନ୍ତ୍ୱନା ଦେଲେ କିନ୍ତୁ ଏହାର ବିପରୀତ ୟୁରୋପରେ କ'ଣ ହେଉଛି? "ୟୁରୋପ ନିଜର ବ୍ୟବସାୟ ଓ କୃଷିକୁ ବଢ଼ାଇବା ପାଇଁ ଊନବିଂଶ ଶତାବ୍ଦିର ଆରମ୍ଭ ପର୍ଯ୍ୟନ୍ତ ଗୁଲାମି (କ୍ରିତଦାସ ପ୍ରଥା)କୁ ଜାରି ରଖିଥିଲା। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଇସ୍‌ଲାମ୍‌ର ଇତିହାସରୁ ଏକ ଅଣ ଇସ୍‌ଲାମୀୟ କ୍ରିତଦାସ ପ୍ରଥା ବିଷୟରେ ମଧ ସୂଚନା ମିଳୁଛି କିନ୍ତୁ କ୍ରିତଦାସମାନଙ୍କ ଜରିଆରେ ରାଷ୍ଟ୍ରିୟ ସ୍ତରରେ ବ୍ୟବସାୟିକ ତଥା ଶିଳ୍ପର ଉନ୍ନତି ପାଇଁ କିଛି ହୋଇଥିବାର ସୂଚନା ନାହିଁ।" ***(ଇସ୍‌ଲାମ୍ କା ଇକ୍‌ତିସାଦି ନିଜାମ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୨୬-୨୭)*** କିନ୍ତୁ ଦେଖି! ଏହାର ଅପର ପକ୍ଷରେ ୟୁରୋପରେ ୧୯୦୦ ଶତାବ୍ଦୀ ପର୍ଯ୍ୟନ୍ତ ଏହି କ୍ରୀତାଦାସ ପ୍ରଥା ଜାରି ରହିଥିଲା।

ହଜ୍‌ରତ୍ ଉମର୍ ର:ଅଙ୍କ ଶାସନ ସମୟରେ ମଦିନା ଓ ଏହାର ଆଖପାଖ ଅଂଚଳରେ ଭୀଷଣ ମରୁଡ଼ି ଦେଖା ଦେଇଥିଲା ଯେବେ ଭିଷଣ ପବନ ବହେ ସେତେବେଳେ ମାଟି ସବୁ ପାଉଁଶ ସଦୃଶ ଉଡ଼ିଯାଉଥିଲା। ସେଥିଯୋଗୁଁ ସେହି ବର୍ଷର ନାମ କରଣ **ଆମୁର୍ ରିମାଦାଃ** ଅର୍ଥାତ ପାଉଁଶର ବର୍ଷ କରିଦିଆଗଲା।

***(ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୫୦୮.......ବେରୁତ ୧୯୮୭)***

ଅଓଫ୍ ବିନ୍ ହାରିସ୍ ନିଜ ବାପାଙ୍କଠାରୁ ବର୍ଣ୍ଣନା କରୁଛନ୍ତି ଯେ ସେହି ବର୍ଷର ନାମ ଆମୁର୍ ରିମାଦାଃ ଅର୍ଥାତ ପାଉଁଶ ବର୍ଷ ଏଥିପାଇଁ ରଖାଗଲା ଯେ ସମଗ୍ର ଭୂଖଣ୍ଡରେ ବର୍ଷା ନ ହେବା ଯୋଗୁଁ ଭୂଇଁ କଳାପଡ଼ି ପାଉଁଶ ପରି ହୋଇଗଲା। ଏହିପରି ପରିସ୍ଥିତି ନଅ (୯) ମାସ ପର୍ଯ୍ୟନ୍ତ ରହିଥିଲା। ହଜାମ୍ ବିନ୍ ହୁଶାମ୍ ନିଜ ବାପାଙ୍କଠାରୁ ରିଓ୍ୱାୟତ୍ କରୁଛନ୍ତି ଯେ ଅଠର ହିଜ୍‌ରୀରେ ଯେବେ ଲୋକମାନେ ହଜ୍ କରି ଫେରିଲେ, ସେମାନଙ୍କୁ ବହୁତ କଷ୍ଟ ହୋଇଥିଲା। ଦେଶରେ ମରୁଡ଼ି ପରିସ୍ଥିତି ବ୍ୟାପି ଗଲା। ପାଳିତ ପଶୁ ମରିଗଲେ। ଲୋକମାନେ ଭୋକରେ ମରିଲେ। ଏପରି କି ଲୋକମାନେ ପଶୁମାନଙ୍କର ହାଡ଼ କଙ୍କାଳକୁ ପେଶି ତାହାର ଚୂର୍ଣ୍ଣକୁ ପାଣିରେ ପକାଇ ପିଇଲେ। ମୁଷାଗାଡ଼କୁ ଖୋଳି ତା ଭିତରେ ଯାହା ଥିଲା ବାହାରକୁ ବାହାର କଲେ। ହଜ୍‌ରତ୍ ଇବ୍‌ନେ ଉମର ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ହଜ୍‌ରତ୍ ଅମ୍‌ରୋ ବିନ୍ ଆସ ର:ଅଙ୍କ ନିକଟକୁ ଆମୁର୍ ରିମାଦାଃ (ପାଉଁଶ ବର୍ଷ)ରେ ଚିଠି ଲେଖିଲେ।

ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍ ରହିମ୍- ଅଲ୍ଲାଃଙ୍କ ଭକ୍ତ ଉମର ର:ଅ ଅମୁରୁଲ୍ ମୁମିନିନ୍‌ଙ୍କ ତରଫରୁ ଆସ ବିନ୍ ଆସିଙ୍କ ନାମରେ। ତୁମର କଲ୍ୟାଣ ହେଉ। ଅମ୍ମା ବାଦ୍। କ'ଣ ତୁମେ ମତେ ଓ ମୋ ନିକଟରେ ଥିବା ଲୋକମାନଙ୍କୁ ମରିବାର ଦେଖିବାକୁ ଚାହୁଁଛ ଏବଂ ତୁମେ ଓ ତୁମ ନିକଟରେ ଥିବା ଲୋକମାନଙ୍କୁ ଜୀବିତ ରହିବାର ଦେଖିବାକୁ ଚାହୁଁଛ। କିଏ ସାହାଯ୍ୟ କରିବାକୁ ଅଛନ୍ତି? ଏକଥା ହଜ୍‌ରତ୍ ଉମର୍ ର:ଅ ତିନିଥା ଲେଖିଲେ। ମଦଦ୍! ମଦଦ୍! ମଦଦ୍! (ସାହାଯ୍ୟ! ସାହାଯ୍ୟ! ସାହାଯ୍ୟ!) ଏହାର ଉତରରେ ହଜ୍‌ରତ୍ ଅମ୍‌ରୋ ବିନ୍ ଆସ୍ ର:ଅ ଲେଖିଲେ:

ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍। ଅଲ୍ଲାଃ ଯାହାଙ୍କ ବ୍ୟତୀତ ଆଉ କେହି ଉପାସନାର ଅଧିକାରୀ ନୁହନ୍ତି, ସେହି ଅଲ୍ଲାଃଙ୍କ ଭକ୍ତ ତରଫରୁ। ଅମ୍ମା ବାଦ୍। ଆପଣଙ୍କ ନିକଟରେ ସାହାଯ୍ୟ ପହଂଚିଲା। କିଛି ସମୟ ଅପେକ୍ଷା କରନ୍ତୁ। ମୁଁ ଆପଣଙ୍କ ନିକଟକୁ ଓଟମାନଙ୍କର ଏକ କାଫିଲା ପ୍ରେରଣ କରୁଅଛି, ଏହି କାଫିଲାର ପ୍ରଥମ ଓଟଟି ଆପଣଙ୍କ ନିକଟରେ ଥିବା ବେଳେ ମୋ ନିକଟରେ ଶେଷ ଓଟଟି ରହିଥିବ। ଅର୍ଥାତ କାଫିଲାଟି ଏତେ ବଡ଼ ହୋଇଥିବ ଓ ତାହାର ଧାଡ଼ି ବହୁତ ଲମ୍ବା ଥିବ।

ମିସର୍‌ର ଓ୍ୱାଲି ହଜ୍‌ରତ୍ ଅମ୍‌ରୋ ବିନ୍ ଆସ୍ ର:ଅ ଶସ୍ୟ ଓ ଖାଇବା ସାମାନରେ ପରିପୂର୍ଣ୍ଣ ଏକ ହଜାର ଓଟ ପଠାଇଲେ। ଘିଅ ଏବଂ ବସ୍ତ୍ର ଇତ୍ୟାଦି ଅଲଗା ପଠାଇଲେ। ଇରାକ୍‌ର ଓ୍ୱାଲି ହଜ୍‌ରତ୍ ସାଆଦ୍ ର:ଅ ଶସ୍ୟ ଏବଂ ଖାଦ୍ୟ ପଦାର୍ଥରେ ପୂର୍ଣ୍ଣ ଦୁଇ ହଜାର ଓଟ ପଠାଇଲେ। ଏତଦ୍ ବ୍ୟତୀତ କପଡ଼ା ଅଲଗା ଥିଲା। ଶାମ୍‌ର ଓ୍ୱାଲି ହଜ୍‌ରତ୍ ଅମୀର୍ ମାୱିୟା ଶସ୍ୟରେ ଭରପୁର ସାମାନ ତିନି ହଜାର ଓଟ ପଠାଇଲେ। ଲୁଗାପଟା ଅଲଗା ପଠାଇଲେ। ଯେବେ ପ୍ରଥମ ଶସ୍ୟ ଆସିଲା ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ହଜ୍‌ରତ୍ ଜୁବ୍‌ବିର୍ ବିନ୍ ଅୱାମ୍ ର:ଅଙ୍କୁ କହିଲେ ତୁମେ କାଫିଲାକୁ ବାଦିୟା ଇଲାକା ଆଡ଼କୁ ନେଇଯାଅ ଅର୍ଥାତ ଯେଉଁସବୁ ଗ୍ରାମାଂଚଳ ରହିଛି, ସେଠିକାର ଅଧିବାସୀମାନଙ୍କ ଆଡ଼କୁ ନେଇଯାଅ। ସେମାନଙ୍କୁ ପ୍ରଥମେ ଏହି ଶସ୍ୟ ଦିଅ। ଅଲ୍ଲାଃଙ୍କ ରାଣ ସମ୍ଭବତଃ ରସୁଲେ ଖୁଦା (ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ)ଙ୍କ ସଙ୍ଗତ ପରେ ଏହାଠାରୁ ଉତମ ବସ୍ତୁ ତୁମକୁ କେବେ ପ୍ରାପ୍ତ ହୋଇନଥିବ। ସେହି ଅଖାଗୁଡ଼ିକରୁ କମ୍ବଳ ତିଆରି କରିଦିଅ ଯାହାକୁ ସେମାନେ ଘୋଡ଼ାଇ ହେବେ ଏବଂ ସେମାନଙ୍କ ଖାଦ୍ୟ ପାଇଁ ଓଟକୁ ଜେଭ କରିଦିଅ ଫଳତଃ ସେମାନେ ତାହାର ମାଂସ ଖାଇବେ ଓ ଚର୍ବିକୁ ନେଇଯିବେ। ତୁମେ ଏ ଅପେକ୍ଷା କରିବ ନାହିଁ ଯେ ସେମାନେ କହିବେ ଯେ ଆମ୍ଭେମାନେ ବର୍ଷା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବୁ। ସେମାନେ ଅଟା ରାନ୍ଧନ୍ତୁ ଏବଂ ଜମା କରନ୍ତୁ ଯେ ପର୍ଯ୍ୟନ୍ତ ଅଲ୍ଲାଃ ସେମାନଙ୍କ ପାଇଁ ଖୋଲା ଖୋଲି ଭାବରେ କୌଣସି ନିର୍ଦ୍ଦେଶ ନ ଦେଇଛନ୍ତି। ଅର୍ଥାତ କିଛି ରାନ୍ଧନ୍ତୁ ଖାଆନ୍ତୁ ଓ କିଛି ଷ୍ଟୋର କରି ରଖନ୍ତୁ। ହଜ୍‌ରତ୍ ଉମର୍ ର:ଅ ଖାଦ୍ୟ ପ୍ରସ୍ତୁତ କରାନ୍ତି ଏବଂ ତାଙ୍କର ପ୍ରଚାରକ ଏ ଘୋଷଣା କରୁଥିଲେ ଯେ ଯେଉଁ ବ୍ୟକ୍ତି ଖାଦ୍ୟ ଖାଇବାକୁ ଚାହୁଁଛି ସେ ଖାଇବା ସମୟରେ ହାଜିର ହୁଅନ୍ତୁ ଓ ଖାଆନ୍ତୁ ଯି କିଏ ଚାହୁଁଛି ଯେ ସେ ତା' ପାଇଁ ଓ ତା' ଘର ଲୋକଙ୍କ ପାଇଁ ଖାଦ୍ୟ ନେବ ସେ ଆସି ଖାଦ୍ୟ ନେଇଯାଉ। ହଜ୍‌ରତ୍ ଉମର୍ ର:ଅ ସୁରିଦ୍ ଅର୍ଥାତ ରୁଟିକୁ ଖଣ୍ଡ ଖଣ୍ଡ କରି ଝୋଳରେ ପକାଇ ଯେଉଁ ଖାଦ୍ୟ ପ୍ରସ୍ତୁତ କରାଯାଏ ସେହି ଖାଦ୍ୟ ଲୋକମାନଙ୍କୁ ଖୁଆଇଥିଲେ। ରୁଟି ଥିଲା ପୁଣି ଜଇତୁନ୍ (ଓଲିଭ୍ ତେଲ) ଥିଲା, ସଙ୍ଗେ ସଙ୍ଗେ ସେ ସବୁକୁ ହଣ୍ଡାରେ ରଖି ଖାଦ୍ୟ ପ୍ରସ୍ତୁତ କରାଯାଉଥିଲା। ଓଟ ଜେଭ (ହଲାଲ୍) କରାଯାଉଥିଲା। ହଜ୍‌ରତ୍ ଉମର୍ ର:ଅ ମଧ ସମସ୍ତଙ୍କ ସହିତ ମିଶି ଖାଦ୍ୟ ଖାଉଥିଲେ। ଅର୍ଥାତ ସାଧାରଣ ଲୋକ ଯେମିତି ଖାଉଥିଲେ ସେମିତି ଆପଣ ର:ଅ ଖାଉଥିଲେ।

ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ବିନ୍ ଅସ୍‌ଲମ୍ ନିଜ ଜେଜେଙ୍କଠାରୁ ରିଓ୍ୱାୟତ କରୁଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅ ଲାଗତାର ରୋଜା ରଖୁଥିଲେ। ଆମୁର୍ ରିମାଦାଃ ସମୟରେ ସନ୍ଧ୍ୟା ସମୟରେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଯେଉଁ ରୁଟି ଅଣାଯାଉଥିଲା, ତାହା ଜଇତୁନ୍ ତେଲରେ ମିଶା ଯାଉଥିଲା। ଦିନେ ଗୋଟିଏ ଓଟ ଜେବହ୍ କରାଗଲା ଏବଂ ସନ୍ଧ୍ୟା ସମୟରେ ହଜ୍‌ରତ୍ ଉମର୍ ର:ଅଙ୍କ ସେବାର ଓଟ କୁଦର ମାଂସ ଏବଂ କଲିଜାର ଏକ ଟୁକୁଡ଼ା ଉପସ୍ଥାପିତ କରାଗଲା। ହଜୁର ର:ଅ ପଚାରିଲେ ଯେ, ଏହା କେଉଁଠୁ ଆସିଲା? ଆପଣଙ୍କୁ କୁହାଗଲା ଯେ, ଏହା ସେହି ଓଟର ମାଂସ ଯେଉଁ ଓଟକୁ ଆଜି ଜେବହ୍ କରାଯାଇଥିଲା। ହଜ୍‌ରତ୍ ଉମର୍ ର:ଅ କହିଲେ: ଯଦି ମୁଁ ଜୀବର ଉତ୍କୃଷ୍ଟତମ ଅଂଶ ନିଜ ପାଇଁ ରଖିନିଏ ଏବଂ ବେକାର ତଥା ସାମାନ୍ୟତମ ଅଂଶ ଲୋକମାନଙ୍କୁ ଖୁଆଏ ତେବେ ଏହା ଅତି ଦୁଃଖ ଓ ପରିତାପର ବିଷୟ ହେବ ଏବଂ ମୁଁ ଜଣେ ମନ୍ଦ ତତ୍ୱାବଧାରକ ଭାବରେ ଅଭିହିତ ହେବି। ତେଣୁ ଏହି ପ୍ଲେଟ୍‌କୁ ଉଠାଇ ନିଅ ଆମ ପାଇଁ ଏହା ବ୍ୟତୀତ ଅନ୍ୟ କିଛି ଖାଇବାକୁ ଆଣ। ସୁତରାଂ ରୁଟି ଓ ଜଇତୁନ୍ ତେଲ ଅଣାଗଲା। ମହାଭାଗ ର:ଅ ନିଜ ହାତରେ ରୁଟିକୁ ଖଣ୍ଡ ଖଣ୍ଡ କଲେ ଓ ତାହା ଦ୍ୱାରା ସୁରିଦ୍ ତିଆରି କଲେ। ପୁଣି ଆପଣ ର:ଅ ନିଜ ଗୁଲାମକୁ କହିଲେ ହେ ୟରଫା! ତୁମର ମଙ୍ଗଳ ହେଉ ଏହି (ଖାଦ୍ୟରେ ପରିପୂର୍ଣ୍ଣ) ପାତ୍ରଟିକୁ ସମଗ୍‌ଠାରେ ଥିବା ସେମାନଙ୍କ ଘର ଲୋକମାନଙ୍କ ନିକଟକୁ ନେଇଯାଅ। ମଦିନା ନିକଟରେ ଥିବା ଗୋଟିଏ ଖଜୁରୀ ବଗିଚାର ନାମ ସମଗ୍ ଥିଲା ଯାହାର ମାଲିକ ହଜ୍‌ରତ୍ ଉମର୍ ର:ଅ ଥିଲେ। ସେ ସେହି ବଗିଚାଟକୁ ୱକଫ୍ (ଉତ୍ସର୍ଗ) କରିଦେଇଥିଲେ। ହଜ୍‌ରତ୍ ଉମର୍ ର:ଅ କହିଲେ ଯେ ତିନି ଦିନ ହେବ ମୁଁ ସେମାନଙ୍କୁ କିଛି ଦେଇନାହିଁ। ମୁଁ ଭାବୁଛି ସେଠି ରହୁଥିବା ଲୋକମାନେ ଭୋକିଲା ଥିବେ ଏହି ଖାଦ୍ୟ ନେଇ ସେମାନଙ୍କୁ ଦେଇଦିଅ।

ହଜରତ ଇବ୍‌ନେ ଉମର ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଦୁର୍ଭିକ୍ଷ ପଡ଼ିଥିବା ଦିନମାନଙ୍କରେ ହଜ୍‌ରତ୍ ଉମର୍ ର:ଅ ଗୋଟିଏ ନୂଆ କରିଥିଲେ, ଯାହା ସେ ପୂର୍ବରୁ କେବେ କରିନଥିଲେ। ସେହି କାମଟି ଏହା ଥିଲା କି ଲୋକମାନଙ୍କୁ ଇଶା ନମାଜ ପଢ଼ାଇବା ପରେ ନିଜ ଘର ଭିତରେ ଦାଖଲ ହେଉଥିଲେ ଓ ରାତ୍ରିର ଶେଷ ପ୍ରହର ପର୍ଯ୍ୟନ୍ତ ଅନବରତ ନମାଜ ପାଠ କରୁଥିଲେ। ପୁଣି ଆପଣ ର:ଅ ଘରୁ ବାହାରି ମଦିନାର ଚାରିପଟେ ପରିକ୍ରମା କରୁଥିଲେ। ଦିନେ ରାତିରେ ସହ୍‌ରୀ କରିବା ସମୟରେ ମୁଁ ତାଙ୍କୁ ଏହା କହିବାର ଶୁଣିଛି ଯେ **ଅଲ୍ଲାହୁମ୍ମା ଲା ତଜ୍‌ଅଲ୍ ହଲାକା ଉମ୍ମତି ମୁହମ୍ମଦିନ୍ ଅଲା ୟଦହା** ଅର୍ଥାତ ହେ ଅଲ୍ଲାଃ ମୋ ହାତରେ ମୁହମ୍ମଦ ସ:ଆ:ସଙ୍କ ଉମ୍ମତ (ସମ୍ପ୍ରଦାୟ)କୁ ତଳିତଳାନ୍ତ କରନାହିଁ।

ମୁହମ୍ମଦ୍ ବିନ୍ ୟହୟା ବିନ୍ ହବାନ୍ ବର୍ଣ୍ଣନା କରୁଛନ୍ତି ଯେ ଦୁର୍ଭିକ୍ଷ ଦିନଗୁଡ଼ିକରେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଚର୍ବିରେ ବୁଡ଼ି ରହିଥିବା ରୁଟି ରଖାଗଲା। ଆପଣ ର:ଅ ଜଣେ ବେଦୁଇନ୍‌କୁ ପାଖକୁ ଡାକିଲେ ଓ ସେ ଆପଣଙ୍କ ସହିତ ବସି ଖାଇଲା। ସେ ଶିଘ୍ର ଶିଘ୍ର ପାତ୍ରକଡ଼ରେ ଥିବା ଚର୍ବିକୁ ଖାଇବାକୁ ଲାଗିଲା। ଏହା ଦେଖି ହଜ୍‌ରତ୍ ଉମର୍ ର:ଅ କହିଲେ:- ତୁମେ ଏମିତି ଖାଉଛ ଯେମିତି କେବେ ବି ଚର୍ବି ଦେଖିନାହିଁ। ହଁ ଅବଶ୍ୟ ମୁଁ ଅନେକ ଦିନ ହେବ ନା ଘିଅ ଖାଇଛି ଓ ନା ଜଇତୁନ୍ ତେଲ ଓ ନାହିଁ ଅନ୍ୟ କାହାକୁ ଏହା ଖାଇବାର ଦେଖିଛି। ଏ କଥା ଶୁଣି ହଜ୍‌ରତ୍ ଉମର୍ ର:ଅ ରାଣ ଖାଇଲେ ଯେ ସେ ନା ତ' ମାଂସ ଚାଖିବେ ଓ ନା ଘିଅ ଖାଇବେ ଏପରି କି ଲୋକମାନେ ପୂର୍ବପରି ସ୍ୱଚ୍ଛଳ ହୋଇଯିବେ।

ଦୁର୍ଭିକ୍ଷ ଦିନମାନଙ୍କରେ ଆପଣ ଇଶା ନମାଜ ପରେ ରାତ୍ରର ଶେଷ ପ୍ରହର ପର୍ଯ୍ୟନ୍ତ ଅହରହ ନମାଜ ପଢୁଥିଲେ। ଏହାପରେ ଆପଣ ମଦିନାର ଚର୍ତୁପାର୍ଶ୍ୱର ପରିକ୍ରମା କରୁଥିଲେ। ଆପଣ ର:ଅ ଅଲ୍ଲାଃ ତାଲାଙ୍କ ନିକଟରେ ଏହି ଗୁହାରି କରୁଥିଲେ ଯେ, ହେ ଅଲ୍ଲାଃ! ମୋ ହସ୍ତରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସମ୍ପ୍ରଦାୟକୁ ଧ୍ୱଂସ କର ନାହିଁ।

ଇବ୍‌ନେ ତାଉସ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ନା ଓଟର ମାଂସ ସେବନ କଲେ ଓ ନା ହିଁ ସେ ଘିଅ ଖାଇଲେ। ଏପରି କି ଲୋକମାନେ ବିକାଶ ଓ ସମୃଦ୍ଧିର ଉଚ୍ଚ ସ୍ତର ହାସଲ କରିନେଲେ ଏବଂ ଘିଅ ଇତ୍ୟାଦି ଜିନିଷ ନ ଖାଇ କେବଳ ତେଲ ବ୍ୟବହାର କରିବା ଯୋଗୁଁ ହଜ୍‌ରତ୍ ଉମର୍ ର:ଅଙ୍କ ପେଟ ଖରାପ ହୋଇ ଗୁଡ଼ଗାଡ଼ ହୋଇଯାଉଥିଲା। ଆପଣ ର:ଅ ନିଜ ପେଟକୁ ସମ୍ବୋଧନ କରି କହୁଥିଲେ ତୁମେ ଗୁଡ଼ଗାଡ଼ ହେଉଥାଅ। ଈଶ୍ୱରଙ୍କ ରାଣ! ତୁମକୁ ଆଉ କିଛି ମିଳିବ ନାହିଁ ଯେ ପର୍ଯ୍ୟନ୍ତ ଲୋକମାନେ ସ୍ୱଚ୍ଛଳ ନ ହୋଇଯାଇଛନ୍ତି ଓ ପୂର୍ବପରି ଖାଦ୍ୟ ଖାଇବା ଆରମ୍ଭ ନ କରିଛନ୍ତି।।

ଅୟାଜ୍ ବିନ୍ ଖଲିଫା କୁହନ୍ତି ଯେ, ମରୁଡ଼ି ବର୍ଷରେ ହଜ୍‌ରତ୍ ଉମର୍ ର:ଅ କଳା କାଠ ପଡ଼ି ଯାଇଥିଲେ ଯେବେକି ପ୍ରଥମେ ତାଙ୍କର ରଙ୍ଗ ଗୋରା ଥିଲା। ଆମେ ପଚାରୁଥିଲୁ ଏପରି କେମିତି ହେଲା? ରାଓ୍ୱି ବତାଇଲେ ଯେ ହଜ୍‌ରତ୍ ଉମର୍ ର:ଅ ଜଣେ ଆରବୀୟ ବ୍ୟକ୍ତି ଥିଲେ। ସେ ଘିଅ ଓ ଖିର ବ୍ୟବହାର କରୁଥିଲେ। ଯେତେବେଳେ ଦୁର୍ଭିକ୍ଷ ପଡ଼ିଲା ସେତେବେଳେ ସେ ଏହି ସବୁ ଜିନିଷ ନିଜ ପାଇଁ ଅବୈଧ କରିଦେଲେ, ଏପରି କି ଲୋକମାନଙ୍କର ଅବସ୍ଥା ସ୍ୱଚ୍ଛଳ ହୋଇଗଲା। ହଜ୍‌ରତ୍ ଉମର୍ ର:ଅ ତେଲ ସହିତ ଖାଦ୍ୟ ଖାଇଲେ ତାଙ୍କୁ ତାଙ୍କର ରଙ୍ଗ ଏପରି ପରିବର୍ତନ ହୋଇଗଲା ଓ ଯେତେବେଳେ ଭୋକ ଉପାସରେ ରହିଲେ ସେତେବେଳେ ଏହି ରଙ୍ଗ ଆହୁରି ବଦଳି ଗଲା।

ଉସାମା ବିନ୍ ଜୈଦ୍ ବିନ୍ ଅସ୍‌ଲମ୍ ନିଜ ଜେଜେଙ୍କଠାରୁ ରିଓ୍ୱାୟତ କରିଛନ୍ତି ଯେ ଆମେମାନେ ଏକଥା କହୁଥିଲୁ ଯେ, ଯଦି ଅଲ୍ଲାଃ ତାଲା ମରୁଡ଼ି ଦୂର ନକରନ୍ତି ତାହା ହେଲେ ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କ ଚିନ୍ତାରେ ନିଜର ପ୍ରାଣ ହରାଇ ଦେବେ। ଜୈଦ୍ ବିନ୍ ଅସ୍‌ଲମ୍ ନିଜ ବାପାଙ୍କଠାରୁ ରିଓ୍ୱାୟତ୍ କରିଛନ୍ତି ଯେ ଦୁର୍ଭିକ୍ଷ ସମୟରେ ସାରା ଆରବର ଲୋକମାନେ ମଦିନା ଚାଲିଆସିଲେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନଙ୍କ ଲୋକମାନଙ୍କ ପାଇଁ ବ୍ୟବସ୍ଥା କରନ୍ତୁ ଓ ଖାଇବାର ପ୍ରବନ୍ଧ କରନ୍ତୁ। ମଦିନାର ଚାରିପଟେ ହଜ୍‌ରତ୍ ଉମର୍ ର:ଅ ବିଭିନ୍ନ ସାହାବିମାନଙ୍କର ଡ୍ୟୁଟି ଲଗାଇଥିଲେ ଯେ ସେମାନେ ଗୋଟିଏ ଗୋଟିଏ କ୍ଷଣର ଖବର ଆଣି ସନ୍ଧ୍ୟାବେଳକୁ ଦେବେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାହା ଖବର ଥିଲା ତାହା ସବୁ ସନ୍ଧ୍ୟାବେଳକୁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଜଣାଉଥିଲେ। ମଦିନାର ବିଭିନ୍ନ ଅଂଚଳରୁ ଗାଉଁଲି ଲୋକମାନେ ଆସି ମଦିନାରେ ରୁଣ୍ଡ ହୋଇଥିଲେ। ଦିନେ ରାତିରେ ଯେତେବେଳେ

ଲୋକମାନେ ଖାଦ୍ୟ ଖାଇ ସାରିଥିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଆଦେଶ ଦେଲେ ଯେ ଯେଉଁ ଲୋକମାନେ ଆମ ସହିତ ରାତ୍ରିଭୋଜନ କରିସାରିଛନ୍ତି, ସେମାନଙ୍କର ଗଣତି କର ଅତଏବ ଗଣତି କରିବା ପରେ ଜଣା ପଡ଼ିଲା ଯେ ପ୍ରାୟ ସାତ ହଜାର ପାଖାପାଖି ଲୋକ ଥିଲେ । ପୁଣି ହଜ୍‌ରତ୍ ଉମର୍ ର:ଅ ଆଦେଶ ଦେଲେ ଯେ ଯେଉଁମାନେ ଖାଇବାକୁ ଆସିନାହାନ୍ତି, ସେମାନଙ୍କୁ, ରୋଗୀମାନଙ୍କୁ ଏବଂ ପିଲାମାନଙ୍କର ବି ଗଣତି କର । ଗଣତି ପରେ ଜଣାପଡ଼ିଲା ଯେ ଏମାନଙ୍କ ସଂଖ୍ୟା ଚାଳିଶିହଜାର ଥିଲା । କିଛି ଦିନ ପରେ ଏହି ସଂଖ୍ୟା ବଢ଼ିଗଲା । ପୂନର୍ବାର ଗଣତି କରିବାରେ ଯେଉଁ ଲୋକମାନେ ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ଖାଦ୍ୟ ଖାଉଥିଲେ ସେମାନଙ୍କର ସଂଖ୍ୟା ଦଶ ହଜାର ଓ ଅନ୍ୟମାନଙ୍କର ସଂଖ୍ୟା ପଚାଶ ହଜାର ଥିଲା । ଏହିପରି ଧାରା ଜାରି ରହିଲା ଏପରି କି ଅଲ୍ଲାଃ ତାଲା ବର୍ଷାଜଳ ପ୍ରଦାନ କଲେ । ଯେବେ ବର୍ଷ ହେଲା, ସେତେବେଳେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଖିଛି ଯେ ସେ ତାଙ୍କ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଲେ ସବୁ ଲୋକମାନଙ୍କର ବ୍ୟବସ୍ଥା କର ଯେ ସେମାନେ କିପରି ନିଜ ନିଜର ଇଲାକାକୁ ଯାଇପାରିବେ । ସେମାନଙ୍କୁ ଶସ୍ୟ ଓ ବାହନର ବ୍ୟବସ୍ଥା କରି ଯୋଗାଇ ଦିଅ । ରାୱି କହୁଛନ୍ତି ମୁଁ ଦେଖିଲି ଯେ ହଜ୍‌ରତ୍ ଉମର୍ ର:ଅ ସ୍ୱୟଂ ସେହି ଲୋକମାନଙ୍କୁ ବିଦାୟ କରିବା ପାଇଁ ଆସୁଥିଲେ । ***(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୧୬୫-୧୬୯.....ବେରୁତ ୧୯୯୬) (ଲୁଗାତୁଲ୍ ହଦିସ୍, ଖଣ୍ଡ-୧, ପୃ-୨୩୪..... ଲାହୋର୍ ୨୦୦୫) (ଫତହୁଲ୍ ବାରି ଶରହ୍ ସହି ବୁଖାରୀ, ଖଣ୍ଡ-୫, ପୃ-୪୬୦-୪୬୧, ହଦିସ୍-୨୭୬୪.... କାହିରା ୧୯୮୬)***

ଆଖପାଖର ଲୋକମାନେ ଭୋକରେ ଆଉଟୁ ପାଉଟୁ ହୋଇ ସହରକୁ ଚାଲି ଆସିଥିଲେ । ଏଠାରେ ସେମାନଙ୍କୁ ଖାଇବାକୁ ମିଳୁଥିଲା । ଯେବେ ପରିସ୍ଥିତି ସୁଧୁରି ଗଲା, ବର୍ଷା ହେଲା ଏବଂ କୃଷି ଇତ୍ୟାଦି କାର୍ଯ୍ୟ ହେବାର ସମ୍ଭାବନା ଉତ୍ପନ୍ନ ହେଲା, ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ ଏବେ ଚାଲିଯାଅ, ପରିଶ୍ରମ କର ଓ ନିଜର କ୍ଷେତ ବାଡ଼ି କଥା ବୁଝ ।

ତାରିଖେ ତିବ୍‌ରିରେ ଏହି ମରୁଡ଼ି ଶେଷ ହେବା ସମ୍ବନ୍ଧରେ ଏପରି ଉଲ୍ଲେଖ ରହିଛି ଯେ,

ମରୁଡ଼ିର ଏହି ବିଭୀଷିକା ଯେତେବେଳେ ନିଜର ଚରମ ସୀମାକୁ ପହଂଚିଗଲା ସେତେବେଳେ ଜଣେ ବ୍ୟକ୍ତି ସ୍ୱପ୍ନ ଦେଖିଲା ଯେ, ଆଁ ହଜ୍‌ରତ୍ ସ:ଆ:ସ ଦୁଆ କରିବା ପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରୁଛନ୍ତି । ଅତଏବ ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶକ୍ରମେ ନମାଜ ଇସ୍ତିସ୍‌କା (ବର୍ଷା ହେବା ନିମନ୍ତେ ଯେଉଁ ନମାଜ ପାଠ କରାଯାଇ ଦୁଆ କରାଯାଏ ତାହା) କରାଗଲା । ହଜ୍‌ରତ୍ ଉମର୍ ର:ଅ କହିଲେ: ବିପତି ତାହାର ଚରମସୀମାରେ ପହଂଚି ସାରିଛି ଏବଂ ଏବେ ତାହା ଇନ୍‌ଶାଅଲ୍ଲାଃ ଶେଷ ହେବାକୁ ଯାଉଛି ଯେଉଁ ଜାତିକୁ ଦୁଆ (ପ୍ରାର୍ଥନା) କରିବାକୁ ସୌଭାଗ୍ୟ ମିଳିଗଲା, ଜାଣିରଖ ଯେ ତାହାର ବିପତି ଦୂର ହୋଇଗଲା । ହଜ୍‌ରତ୍ ଉମର୍ ର:ଅ ଅନ୍ୟାନ୍ୟ ସହରମାନଙ୍କରେ ମୃତୟନ ଥିବା ଗଭର୍ଣ୍ଣରମାନଙ୍କୁ ଚିଠି ଲେଖିଲେ ଯେ ତୁମେ ମଦିନା ଓ ତାହାର ଆଖପାଖ ଇଲାକାର ଲୋକମାନଙ୍କ ପାଇଁ ଦୁଆ କର, ନମାଜ ଇସ୍‌ତସ୍‌କା ପଢ଼ କାରଣ ଏମାନେ ବିପତିର ଶେଷ ସୀମାରେ ପହଂଚି ସାରିଛନ୍ତି । ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କୁ ନମାଜ ଇସ୍‌ତସ୍‌କା ପଢ଼ିବା ପାଇଁ ବାହାରେ ପଡ଼ିଆରେ ଏକାଠି କରାଇଲେ ଏବଂ ହଜ୍‌ରତ୍ ଅବ୍‌ବାସ୍ ର:ଅଙ୍କୁ ସାଥିରେ ଧରି ହଜାର ହୋଇଗଲେ, ସଂକ୍ଷିପ୍ତ ଖୁତ୍‌ବା ଦେଲେ ଏବଂ ନମାଜ ପଢ଼ାଇଲେ ପୁଣି ଆଣ୍ଠେଇ ବସିପଡ଼ିଲେ ଓ ଏହି ଦୁଆ ପଢ଼ିବା ଆରମ୍ଭ କରିଦେଲେ **ଅଲ୍ଲାହୁମ୍ମା ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନୁ, ଅଲ୍ଲାଃହୁମ୍ମଗ୍ ଫିର୍‌ଲନା ୱର୍‌ହମ୍‌ନା ୱର୍‌ଜା ଅନ୍ନା** ଅର୍ଥାତ ହେ ଅଲ୍ଲାଃ ! ଆମ୍ଭେ କେବଳ ତୁମ୍ଭର ହିଁ ଉପାସନା କରୁଅଛୁ ଏବଂ ତୁମ୍ଭଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ । ହେ ଅଲ୍ଲାଃ ! ଆମକୁ କ୍ଷମା କରିଦିଅ ! ଆମ ଉପରେ ଦୟା କର ଏବଂ ଆମ ଉପରେ ସନ୍ତୁଷ୍ଟ ହୁଅ । ତା'ପରେ ହଜ୍‌ରତ୍ ଉମର୍ ର:ଅ ସେଠାରୁ ଲେଉଟିଲେ ବର୍ଣ୍ଣନାକାରୀ କୁହନ୍ତି ଯେ, ନମାଜ ପଢ଼ି ସାରିବା ପରେ ଏବେ ଆପଣ ର:ଅ ଘରେ ପହଂଚିନଥିଲେ ଯେ, ବର୍ଷା ଯୋଗୁଁ ଭୂମି ପୋଖରୀ ପାଲଟି ଗଲା । (ଅର୍ଥାତ ଚତୁପାର୍ଶ୍ୱ ଜଳପୂର୍ଣ୍ଣ ହୋଇ ଯାଇଥିଲା) ।

***(ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୫୦୮-୫୦୯......ବେରୁତ ୧୯୮୭)***

ଆଉ ଏକ ରିୱାୟତ୍‌ରେ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଉମର୍ ର:ଅ ପ୍ରାର୍ଥନା କରି ନିବେଦନ କଲେ ଯେ ହେ ଅଲ୍ଲାଃ ! ତୁମ୍ଭ ନବୀ ସ:ଆ:ସଙ୍କ ସମୟରେ ଯେବେ ଆମ ଇଲାକାରେ ମରୁଡ଼ି / ସୁଖା ପଡୁଥିଲା, ସେତେବେଳେ ଆମେ ତୁମ୍ଭ ନବୀଙ୍କ ନିମନ୍ତେ ବର୍ଷା ହେବାପାଇଁ ପ୍ରାର୍ଥନା କରୁଥିଲୁ । ଫଳତଃ ତୁମ୍ଭେ ଆମ ପାଇଁ ବର୍ଷା କରାଉଥିଲ । ଆଜି ଆମେ ତୁମ୍ଭ ନବୀ ସ:ଆ:ସଙ୍କ ଚାଚାଙ୍କ ଯୋଗୁଁ ଦୁଆ କରୁଅଛୁ ତେଣୁ ତୁମ୍ଭେ ଏହି ଦୁର୍ଭିକ୍ଷ / ସୁଖା/ ମରୁଡ଼ିକୁ ଶେଷ କରିଦିଅ ଓ ଆମ ପାଇଁ ବର୍ଷା ଅବତୀର୍ଣ୍ଣ କର । ସୁତରାଂ ଏବେ ଲୋକମାନେ ନିଜ ସ୍ଥାନରୁ ଘୁଂଚି ନଥିଲେ ଯେ ବର୍ଷା ଆରମ୍ଭ ହୋଇଗଲା ।

***(ତବକାତୁଲ୍ କୁବ୍‌ରା ଖଣ୍ଡ-୪, ପୃ-୨୧.....ବେରୁତ ୧୯୯୦)***

ମସ୍‌ଜିଦ୍ ନବୱିରେ ଚଟେଇ ବିଛା ଯିବାର କାର୍ଯ୍ୟ କେବେ ଆରମ୍ଭ ହେଲା ? ପ୍ରଥମେ ଲୋକମାନେ ସେମିତି ନମାଜ ପଢୁଥିଲେ । ଅର୍ଥାତ ଚଟାଣ ଉପରେ ତଥା ଭୂଇଁ ଉପରେ ନମାଜ ପଢୁଥିଲେ । ମଥାରେ ମାଟି ଲାଗିଯାଉଥିଲା । ପୁଣି ଚଟାଇ ପ୍ରଚଳନ ହେଲା । ଏ ସମ୍ବନ୍ଧରେ ଅବ୍‌ଦୁଲ୍ଲାଃ ବିନ୍ ଇବ୍ରାହିମ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ମସ୍‌ଜିଦେ ନବୱିରେ ସର୍ବ ପ୍ରଥମେ ଚଟେଇ ବିଛା ଯାଇଥିଲା ।

ପ୍ରଥମେ ଯେତେବେଳେ ଲୋକମାନେ ନମାଜ ପଢୁଥିଲେ, ସଜ୍‌ଦା କରିବା ପରେ ମୁଣ୍ଡ ଉଠାଇବା ସମୟରେ ନିଜ ମଥାରେ ଯେଉଁ ମାଟି ଲାଗୁଥିଲଶ, ତାହାକୁ ନିଜ ହାତରେ ଝାଡ଼ି ଦେଉଥିଲେ ତେଣୁ ହଜ୍‌ରତ୍ ଉମର୍ ର:ଅ ଚଟେଇ ବିଛାଇବା ପାଇଁ ନିର୍ଦ୍ଦେଶ ଦେଲେ । ସେହି ଚଟେଇ ଗୁଡ଼ିକୁ ଅକିକ୍‌ଠାରୁ ଅଣାଗଲା ଓ ମସ୍‌ଜିଦ୍ ନବୱିରେ ବିଛାଗଲା । ଅକିକ୍ ହେଉଛି ଗୋଟିଏ ଉପତ୍ୟକାର ନାମ ଯାହା ମଦିନାର ଦକ୍ଷିଣ ପଶ୍ଚିମ ଦିଗରୁ ଆରମ୍ଭ ହୋଇ ଉତର ପଶ୍ଚିମ ପର୍ଯ୍ୟନ୍ତ ପ୍ରାୟ ଦେଢ଼ଶହ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ଗୋଟିଏ ଉପତ୍ୟକା । କୁହାଯାଏ ତାହା ବହୁତ ବଡ଼ ଉପତ୍ୟକା ।

***(ଅଜାଲତୁଲ୍ ଖିଫାଆ ଅନ୍ ଖିଲାଫତଲ୍ ଖୁଲଫାଆ.... ଖଣ୍ଡ-୩, ପୃ-୨୩୬.....କରାଚି)***

***(ଅସ୍‌ସିରତ୍ ନବୱି, ପୃ-୧୬୮, ଦାରୁସ୍ ସଲାମ୍ ରିୟାଜ୍ ୧୪୨୪ ହିଜ୍‌ରୀ)***

ଆପଣ ର:ଅଙ୍କ ଖିଲାଫତ୍ କାଳରେ ୭୦ ହିଜ୍‌ରୀରେ ମସ୍‌ଜିଦେ ନବୱି ସ:ଆ:ସର ପ୍ରଶସ୍ତିକରଣ କରାଯାଇଥିଲା । ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗରେ ମସ୍‌ଜିଦ୍ କଂଚା ଇଟାରେ ତିଆରି ହୋଇଥିଲା ଯାହାର ଛପର ଖଜୁରୀ ଡ଼ାଳ ଓ ପତ୍ର ଦ୍ୱାରା କରାଯାଇଥିଲା ଏବଂ ସେହି ମସ୍‌ଜିଦ୍‌ରେ ଲଗାଯାଇଥିବା ଖୁମ୍ବଗୁଡ଼ଇକ ଖଜୁରୀ ଗଣ୍ଡିରେ ତିଆରି ହୋଇଥିଲା । ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ତାହାକୁ ସେହିପରି ରହିବାକୁ ଦେଲେ ଓ ସେଥିରେ କୌଣସି ପରିବର୍ତନ କଲେନାହିଁ କି ତାହାର ପ୍ରଶସ୍ତିକରଣ କଲେ ନାହିଁ । ହଜ୍‌ରତ୍ ଉମର୍ ର:ଅ ତାହାର ପୂନଃନିର୍ମାଣ ଓ ପ୍ରଶସ୍ତିକରଣ କରାଇଲେ କିନ୍ତୁ ତାହାର ଆକୃତି ଓ ନିର୍ମାଣ ଶୈଳୀରେ କୌଣସି ପରିବର୍ତନ କଲେ ନାହିଁ । ହଜ୍‌ରତ୍ ଉମର୍ ର:ଅ ବି ତାହାକୁ ସେହି ନିର୍ମାଣ ଶୈଳୀରେ ବନାଇଲେ । ଛାତ ପୂର୍ବପରି ଖଜୁରୀ ପତ୍ରରେ ତିଆରି ହୋଇଥିଲା । ସେ କେବଳ ଖୁଂଟଗୁଡ଼ିକୁ କାଠରେ ତିଆରି କରିଦେଲେ । ହଜ୍‌ରତ୍ ଉମର୍ ର:ଅ ସତର ହିଜ୍‌ରୀରେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ନିଜ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କରାଇଲେ । ଏହି ପ୍ରଶସ୍ତିକରଣ ପରେ ମସ୍‌ଜିଦ୍‌ର କ୍ଷେତ୍ରଫଳ ୧୦୦*୧୦୦ ମିଟରରୁ ଅଧିକା ହୋଇ ୧୨୦*୧୪୦ ଜରଆ ଅର୍ଥାତ ୭୦*୬୦ ମିଟର ହୋଇଗଲା । ଏହି ରିୱାୟତରୁ ପ୍ରକାଶ ହେଉଅଛି ଯେ ହଜ୍‌ରତ୍ ଅବୁବକର ର:ଅଙ୍କ ସମୟରେ ମଧ୍ୟ ମସ୍‌ଜିଦ୍ ନବୱି ସେହିଭଳି ପୂର୍ବ ଆକୃତିରେ ରହିଥିଲା ଯେଉଁ ଆକୃତିରେ ମସ୍‌ଜିଦ୍‌ଟି ରସୁଲୁଲ୍ଲାଃ ସ:ଆ:ସଙ୍କ ସମୟରେ ରହିଥିଲା । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ପୂର୍ନନିର୍ମାଣ ସହିତ ସେଥିରେ ବହୁତ ପ୍ରଶସ୍ତିକରଣ କରାଯାଇଥିଲା ।

ଅବୁ ସଇଦ୍ ଖୁଦ୍‌ରି ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ହଜ୍‌ରତ୍ ଉମର୍ ର:ଅ ମସ୍‌ଜିଦ୍ ନବୱିର ପୂନଃନିର୍ମାଣ ପାଇଁ ନିର୍ଦ୍ଦେଶ ଦେଲେ ଏବଂ ଲୋକମାନଙ୍କୁ ବର୍ଷାପାଣିରୁ ବଂଚାଇବା ପାଇଁ ବନ୍ଦୋବସ୍ତ କରିବାକୁ କହିଲେ । ଲାଲ ଓ ଧଳାରଙ୍ଗରେ ମସ୍‌ଜିଦ୍‌କୁ ସଜାଇବାକୁ ବାରଣ କଲେ କାରଣ ଏହି ସାଜସଜ୍ଜା ଲୋକମାନଙ୍କୁ ବିପତିରେ ପକାଇଥାଏ । ଉକ୍ତ ପ୍ରଶସ୍ତିକରଣରେ ମିତବ୍ୟୟତାକୁ ବିନିଯୋଗ କରି ମସ୍‌ଜିଦଟିକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର କାଳରେ ନିର୍ମିତ ହୋଇଥିବା ମସ୍‌ଜିଦ୍‌ର ଗଢ଼ଣ ସରଂଚନା ଅନୁଯାୟୀ ନିର୍ମାଣ କରାଯାଇଥିଲା ।

ମସ୍‌ଜିଦ୍‌ର ପ୍ରଶସ୍ତିକରଣ କରିବା ସମୟରେ ତାଙ୍କୁ ମସ୍‌ଜିଦ୍ ସହିତ ସଲଗ୍ନ ଘରଗୁଡ଼ିକ ଅଧିଗ୍ରହଣ କରିବାକୁ ପଡ଼ିଲା । ତାହା ମସ୍‌ଜିଦ୍‌ର ଉତର, ଦକ୍ଷିଣ ଏବଂ ପଶ୍ଚିମ ଦିଗରେ ଥିଲା । କିଛି ଲୋକେ ଖୁସି ଖୁସି ଆଗ୍ରହର ସହିତ ନିଜର ଜମିକୁ ମସ୍‌ଜିଦ୍ ପାଇଁ ଦାନ କରିଦେଲେ ଆଉ କିଛି ଲୋକଙ୍କୁ ହଜ୍‌ରତ୍ ଉମର୍ ର:ଅ ବୁଝାସୁଝା କରିଲେ ସେହିପରି କିଛି ଜମି ହଜ୍‌ରତ୍ ଉମର୍ ର:ଅଙ୍କୁ ଖରିଦ୍ କରି ମସ୍‌ଜିଦ୍‌ରେ ସାମିଲ କରିବାକୁ ପଡ଼ିଲା । ***(ଜୁସ୍‌ତୁଯୁଏ ମଦିନା ଲେଖକ ଅବ୍‌ଦୁଲ୍ ହମିଦ୍ କାଦ୍‌ରୀ, ପୃ-୪୫୯....ଲାହୋର୍ ୨୦୦୭)*** ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଶାସନ କାଳରେ ଜନଗଣନାର ପ୍ରାରମ୍ଭ ହୋଇଥିଲା । ସେହିପରି ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ଖାଦ୍ୟ ଶସ୍ୟ ବଂଟନ ନିମନ୍ତେ ରେଶନ୍ କାର୍ଡ଼ ବ୍ୟବସ୍ଥା ମଧ୍ୟ ଲାଗୁ ହୋଇଥିଲା । ଅର୍ଥାତ Rationing System ଲାଗୁ କରାଯାଇଥିଲା ।

ଇସ୍‌ଲାମୀୟ ଶାସନ ବ୍ୟବସ୍ଥା କିପରି ପରିଚାଳିତ ହେଉଥିଲା ସେ ସଂପର୍କରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ, ରସୁଲ୍ କରୀମ ସ:ଆ:ସ ମଦିନାକୁ ଆସି ସର୍ବ ପ୍ରଥମେ ଏହି କାର୍ଯ୍ୟ କଲେ ଯେ, ସମ୍ପତିର ମାଲିକ ଓ ଅଣମାଲିକମାନଙ୍କୁ ପରସ୍ପରର ଭାଇ କରିଦେଲେ । ଅନ୍‌ସାର ଓ ପ୍ରବାସକାରୀମାନଙ୍କ ମଧ୍ୟରେ ମୈତ୍ରିକ ତଥା ଭାତୃତ୍ୱଭାବର ସମ୍ପର୍କ ସ୍ଥାପନ କରି ଇସ୍‌ଲାମୀୟ ସମନ୍ୱୟତାର ଅଭିନବ ଉଦାହରଣ ଉପସ୍ଥାପିତ କଲେ । କିଛି ଲୋକେ ତ' ଏତେ ଆଗକୁ ବଢ଼ିଗଲେ ଯେ ଧନସମ୍ପତିକୁ ତ' ଅଧା ଅଧା କରିଦେଲେ, ପୁଣି ଯଦି କାହାର ଦୁଇଟି ପତ୍ନୀ ଥିଲେ ସେମାନେ ନିଜ ମୁହାଜିର ଭାଇମାନଙ୍କ ପାଇଁ ଏହି ଅଫର୍ ଦେଲେ ଯେ ସେମାନେ ତାଙ୍କ ଖାତିର୍ ନିଜର ଗୋଟିଏ ସ୍ତ୍ରୀକୁ ତଲାକ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ମୁହାଜିର୍ ଭାଇ ତାଙ୍କୁ ବିବାହ କରିପାରିବେ । ଏହା ସମନ୍ୱୟତାର ପ୍ରଥମ ଉଦାହରଣ ଥିଲା ଯାହା ରସୁଲେ କରିମ୍ ସ:ଆ:ସ ମଦିନାରେ ଯାଇ ପ୍ରତିଷ୍ଠା କରିଥିଲେ । କାରଣ ସରକାରୀ ଶାସନର ମୂଳଦୁଆ ବାସ୍ତବିକ ମଦିନାରେ ରଖାଯାଇଥିଲା । ସେ ଯୁଗରେ ଅଧିକା ଧନସମ୍ପତି ନଥିଲା । ଏହି ଅବସ୍ଥା ଥିଲା ଯେ ଧନୀ ଓ ଗରୀବମାନଙ୍କୁ ଆପୋଷରେ ଏପରି ମିଳାଇ ଦିଆଯାଉ ଯେ ପ୍ରତ୍ୟେକଙ୍କୁ ଖାଇବା ନିମନ୍ତେ କିଛି ମିଳିଯିବ । ପୁଣି ଏକ ଯୁଦ୍ଧ ସମୟରେ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସ ଏହି ଶୈଳୀକୁ ବ୍ୟବହାର କଲେ, ଯଦିଚ ତାହାର ସ୍ୱରୁପ ବଦଳି ଯାଇଥିଲା । ଗୋଟିଏ ଯୁଦ୍ଧ ସମୟରେ ଆପଣ ସ:ଆ:ସ ଜାଣିବାକୁ ପାଇଲେ ଯେ କିଛି ଲୋକଙ୍କ ନିକଟରେ ଖାଇବା ପାଇଁ କିଛି ନାହିଁ ବା ଯଦି ଅଛି ତାହା ବହୁତ କମ ଅଛି । କିନ୍ତୁ କିଛି ଲୋକଙ୍କ ନକଟରେ ବହୁତ ଖାଦ୍ୟ ମହଜୁଦ୍ ରହିଛି । ଏପରି ଅବସ୍ଥାକୁ ଦେଖି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ଯାହା ଯାହାଙ୍କ ନିକଟରେ ଯାହା କିଛି ଅଛି ତାହା ସବୁ ଘେନି ଆଣନ୍ତୁ ଓ ଗୋଟିଏ ସ୍ଥାନରେ ଜମା କରିଦିଅନ୍ତୁ । ଅତଏବ ସବୁ ଜିନିଷ ଅଣାଗଲା ପୁଣି ମହାଭାଗ ସ:ଆ:ସ ରାଶନ ଧାର୍ଯ୍ୟ କରିଦେଲେ । ଅର୍ଥାତ ଏଠାରେ ମଧ୍ୟ ସେହି ଶୈଳୀକୁ ଆପଣାଇ ନିଆଗଲା ଯେ ସମସ୍ତଙ୍କୁ ଖାଦ୍ୟ ମିଳିଯାଉ । ଯେଉଁ ପର୍ଯ୍ୟନ୍ତ ସମ୍ଭବ ଥିଲା ଲୋକମାନେ ଅଲଗା ଅଲଗା ଖାଉଥିଲେ କିନ୍ତୁ ଯେବେ ଏହା ଅସମ୍ଭବ ହୋଇଗଲା ଓ କିଛି ଲୋକେ ଭୋକିଲା ରହିଲେ, ସେତେବେଳେ ରସୁଲେ କରିମ୍ ସ:ଆ:ସ କହିଲେ ଯେ ଏବେ ତୁମ୍ଭମାନଙ୍କୁ ଅଲଗା ଅଲଗା ଖାଇବାର (ଆବଶ୍ୟକତା ନାହିଁ କି) ଅନୁମତି ନାହିଁ । ଏବେ ସମସ୍ତଙ୍କୁ ଗୋଟିଏ ସ୍ଥାନରୁ ସମାନ ଖାଦ୍ୟ ମିଳିବ । ଏହି ନିଷ୍ପତି ସମୟକୁ ଆଖି ଆଗରେ ରଖି କରାଯାଉଥିଲା । କୌଣସି ସୋଶିଆଲ୍‌ଇଜ୍‌ମ୍ ବା କମ୍ୟୁନିଜିମ୍‌ର ଦୃଷ୍ଟିକୋଣ ନଥିଲା । ସେ ଯାହା ହେଉ ସାହାବାମାନେ କୁହନ୍ତି ଯେ ରସୁଲେ କରିମ୍ ସ:ଆ:ସଙ୍କ ଏହି ନିର୍ଦ୍ଦେଶ ଉପରେ ଆମେମାନେ ଏତେ କଠୋରତାର ସହିତ ପାଳନ କରୁ ଯେ ଯଦି ଆମ ନିକଟରେ ଗୋଟିଏ ଖଜୁରୀ ବି ରହିଯାଏ ତା'ହେଲେ ଆମେ ତାହାକୁ ଖାଇବାଟା ବହୁତ ଅସାଧୁ କର୍ମ ବୋଲି ଜାଣିଥିଲୁ ଏବଂ ସେ ପର୍ଯ୍ୟନ୍ତ ଶାନ୍ତିରେ ରହୁନଥିଲୁ ଯେ ପର୍ଯ୍ୟନ୍ତ ତାହାକୁ ଷ୍ଟୋର୍‌ରେ ରଖିଦେଉନଥିଲୁ । ଏହା ଦ୍ୱିତୀୟ ନମୁନା ଥିଲା ଯାହାକୁ ରସୁଲୁଲ୍ଲାଃ ଦେଖାଇଲେ । ଯେପର୍ଯ୍ୟନ୍ତ ପରିସ୍ଥିତି ଖରାପ ଥିଲା ସେ ପର୍ଯ୍ୟନ୍ତ ଏହିଭଳି କରାଯାଉଥିଲା । ଏହି ଦୃଷ୍ଟାନ୍ତ ଆପଣ ସ:ଆ:ସ ସ୍ଥାପନ କରିଛନ୍ତି ।

ପୁଣି ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗରେ ଧନସମ୍ପଦ ମଧ୍ୟ ଆସିଲା ଏବଂ ଅଲ୍ଲାଃ ତାଲା ଭଣ୍ଡାର ଘରର ମୁହଁକୁ ମୁସଲମାନମାନଙ୍କ ପାଇଁ ଖୋଲି ଦେଲେ । କିନ୍ତୁ ଅଲ୍ଲାଃ ତାଲା ଏହା ଚାହୁଁଥିଲେ ଯେ ଏ ସମ୍ବନ୍ଧରେ ଏକ ବିସ୍ତୃତ ବ୍ୟବସ୍ଥା ରସୁଲୁଲ୍ଲାଃ ସ:ଆ:ସଙ୍କ ପରେ ଜାରି ହୋଇଯାଉ ଯଦ୍ୱାରା ଲୋକମାନେ ଏହା ନ କହନ୍ତୁ ଯେଏହା କେବଳ ରସୁଲୁଲ୍ଲା ସ:ଆ:ସଙ୍କର ବିଶେଷତ୍ୱ ଥିଲା ଏବଂ ଅନ୍ୟ କେହି ଏହାକୁ ଜାରି ରଖିପାରିବେ ନାହିଁ । ଯେବେ ଧନଦଉଲତ ଆସିଗଲା ପୁଣି ପୁରୁଣା ବ୍ୟବସ୍ଥା ଲାଗୁ ହୋଇଗଲା ବୋଲି । କିନ୍ତୁ ପରେ ମଧ୍ୟ ଏହାକୁ ଅଲ୍ଲାଃ ତାଲା ଜାରି ରଖିବାର ବନ୍ଦୋବସ୍ତ କରିଦେଲେ । ତାହା କିପରି ? ଏପଟେ ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କ ହାତରେ ଏକ ନମୁନା ପ୍ରତିଷ୍ଠା କରିଦେଲେ ଏବଂ ସେପଟେ ମଦିନା ପହଂଚିବା କ୍ଷଣି ଅନ୍‌ସାର୍‌ମାନେ ନିଜର ଧନସମ୍ପତିକୁ ମୁହାଜିର୍‌ମାନଙ୍କ ପାଇଁ ପେଶ୍ କରିଦେଲେ । ମୁହାଜିର୍‌ମାନେ କହିଲେ ଆମେ ଏହି ଜମିବାଡ଼ିକୁ ମାଗଣାରେ ନେବା ପାଇଁ ପ୍ରସ୍ତୁତ ନାହୁଁ । ଆମେ ଏହି ଜମିରେ ଭାଗଚାଷି ଭାବରେ କାମ କରିବୁ ଏବଂ ତୁମର ଭାଗ ତୁମକୁ ଦେଇଦେବୁ । ମୁହାଜିର୍‌ମାନଙ୍କ ତରଫରୁ ସେମାନଙ୍କର ଏକ ଇଚ୍ଛା ପ୍ରକାଶ ଥିଲା । ଅନ୍‌ସାର୍‌ମାନେ ନିଜ ସମ୍ପତିବାଡ଼ିକୁ ଦେବାରେ କୌଣସି ସଙ୍କୋଚ କଲେନାହିଁ । ଏହା ହେଉଛି ଏପରି କଥା ଯେପରି ସରକାର ରାଶନ୍ ଦେବାକୁ ଚାହୁଁଛି କିନ୍ତୁ କେହି ତାକୁ ନେଉନାହାନ୍ତି । ଏଥିରେ ସରକାରଙ୍କୁ ଦାୟି କରାଯାଇ ପାରିବ ନାହିଁ । ଏହା କୁହାଯିବ ଯେ ସରକାର ତ ରାଶନ୍ ନିର୍ଦ୍ଧାରଣ କରିଥିଲେ ଏବେ ଲୋକଙ୍କ ଇଚ୍ଛା ତାହା ସେ ନିଅନ୍ତୁ ବା ନ ନିଅନ୍ତୁ । ସେହିପରି ଅନ୍‌ସାରମାନେ ସୁବକିଛି ଦେଇଦେଲେ । ଏହା ଅଲଗା କତା ଯେ ମୁହାଜରିମାନେ ନେଲେ ନାହିଁ । ସୁତରାଂ ରସୁଲୁଲ୍ଲାଃ ସ:ଆ:ସ ଏହି କାର୍ଯ୍ୟକୁ ନିଜ ଜୀବନରେ ହିଁ ଆରମ୍ଭ କରିଦେଇଥିଲେ । ଯେତେବେଳେ ବାହାରେନ୍‌ର ରାଜା ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲା ସେତେବେଳେ ହଜୁର ସ:ଆ:ସ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ, "ତୁମ ଦେଶରେ ଯେଉଁ ଲୋକମାନଙ୍କ ନିକଟରେ କୌଣସି ଭୂମି ନାହିଁ ସେମାନଙ୍କୁ ତୁମେ ଚାରି ଦିର୍‌ହମ୍ ଲେଖାଏଁ ଅର୍ଥ ଏବଂ ବସ୍ତ୍ର ପ୍ରଦାନ କର । କାରଣ ସେମାନେ ଯେପରି ଭୋକିଲା ଏବଂ ଅନାହାରରେ କାଳାତିପାତ ନ କରନ୍ତୁ ତା'ପରେ ମୁସଲମାନମାନଙ୍କ ନିକଟକୁ ଧନସମ୍ପଦ ଆସିବା ଆରମ୍ଭ ହୋଇଗଲା । ଯେହେତୁ ମୁସଲମାନମାନଙ୍କର ସଂଖ୍ୟା କମ୍ ଥିଲା ଓ ଧନ ସମ୍ପତି ଅଧିକ ଥିଲା ତେଣୁ କୌଣସି ନୂଆ କାନୁନ୍ ଲାଗୁ କରିବା ସେ ସମୟରେ ଆବଶ୍ୟକ ପଡ଼ିବା ଅନୁଭବ ହେଲାନାହିଁ । କାରଣ ଉଦ୍ଦେଶ୍ୟ ସବୁ ପୂରଣ ହେଉଥିଲା । ଅସଲ କଥା ହେଉଛି ଏହା କି ଯେବେ ବିପଦ ଥାଏ ସେତେବେଳେ କାନୁନ୍ ତିଆରି ହୁଏ । ଯେବେ ବିପଦ ନାହିଁ ତା'ହେଲେ ଏ ଅନୁମତି ଅଛି ଯେ ସରକାର ତାହା ଜାରି ରଖନ୍ତୁ ବା ନ ରଖନ୍ତୁ । ପୁଣି ଯେଉଁ କଥା ମୁଁ ଆରମ୍ଭ କରିଥିଲି, ଯାହା ମୁଁ ବର୍ଣ୍ଣନା କରିବାକୁ ଚାହୁଁଥିଲି, ମଝିରେ ଏ ସବୁ ବିବରଣୀ ଆସିଗଲା । ଏବେ ସେହି କଥା ହେଉଛି ଏହା କି ରସୁଲୁଲ୍ଲାଃ ସ:ଆ:ସଙ୍କ ପରେ ଏହି ନିଜାମ୍ (ବ୍ୟବସ୍ଥା) କିପରି ଜାରି ହେଲା ? ।"

ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କର ବିୟୋଗ ହୋଇଗଲା ସେତେବେଳେ ମୁସଲମାନମାନେ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ପରିବ୍ୟାପ୍ତ ହେବାକୁ ଲାଗିଲେ । ସେତେବେଳେ ସେମାନଙ୍କର ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କଷ୍ଟକର ହୋଇପଡ଼ିଲା । ପରିଶେଷରେ ହଜ୍‌ରତ୍ ଉମର୍ ର:ଅ ସମସ୍ତ ଲୋକମାନଙ୍କର ଜନଗଣନା କଲେ ଏବଂ ରାଶନ କାର୍ଡ଼ ତଥା ଖାଦ୍ୟ ସୁରକ୍ଷା ଅର୍ନ୍ତଗତ ଲୋକମାନଙ୍କୁ ତାଲିକାଭୁକ୍ତ କଲେ । ତାହା ବନୁ ଉମୈୟାର ରାଜତ୍ୱ ପର୍ଯ୍ୟନ୍ତ ଜାରି ରହିଲା । ୟୁରୋପୀୟ ଐତିହାସିକମାନେ ଏହାକୁ ସ୍ୱୀକାର କରୁଛନ୍ତି ଯେ ସର୍ବ ପ୍ରଥମ ଜନଗଣନା ହଜ୍‌ରତ୍ ଉମର୍ ର:ଅ କରାଇଥିଲେ ଏବଂ ସେମାନେ ଏହା ମଧ୍ୟ ସ୍ୱକାର କରିଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅ ଏହି ସର୍ବପ୍ରଥମ ଜନଗଣନା ପ୍ରଜାମାନଙ୍କ ଧନସମ୍ପତିକୁ ଛଡ଼ାଇ ନେବାପାଇଁ କରିନଥିଲେ ବରଂ ସେମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ଓ ତାହାର ବ୍ୟବସ୍ଥା ପାଇଁ କରିଥିଲେ । ଏବେକାର ସରକାର ତ' ଏଥିପାଇଁ ଜନଗଣନା କରୁଛି ଯେ ଲୋକମାନେ ଏଥିରେ ବଳି ପଡ଼ନ୍ତୁ ଏବଂ ସେନାରେ ସେବା କରନ୍ତୁ । ଅର୍ଥାତ । ସରକାର ତ' ଏଥିପାଇଁ ଜନଗଣନା କରନ୍ତି ଯେ, ଲୋକମାନେ ବଳୀର ଜୀବ ହୁଅନ୍ତୁ ଏବଂ ସେନାରେ ସେବା କରନ୍ତୁ । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଏଥିପାଇଁ ଜନଗଣନା କରିନଥିଲେ ଯେ, ଲୋକମାନେ ବଳୀର ଜୀବ ହୁଅନ୍ତୁ । ବରଂ ହଜ୍‌ରତ୍ ଉମର୍ ର:ଅ ଜନଗଣନା ଏଥିପାଇଁ କରାଇଥିଲେ ଯେ, ଲୋକମାନଙ୍କ ପେଟ ପାଟଣାର ସମସ୍ୟା ଯେପରି ଦୁର ହୋଇଯାଉ । ଅର୍ଥାତ ଏହା ଅନୁଧ୍ୟାନ କରାଯାଉ ଯେ, ଦାରିଦ୍ର୍ୟ ସୀମା ରେଖା ତଳେ ଏପରି କେତେ ଲୋକ ଅଛନ୍ତି ଯେଉଁମାନଙ୍କ ନିମନ୍ତେ ଖାଦ୍ୟ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି ? ଅତଏବ ଜନଗଣନା ପରେ ସବୁ ଲୋକଙ୍କୁ ଗୋଟିଏ ଧାର୍ଯ୍ୟ ବ୍ୟବସ୍ଥା ଅନୁଯାୟୀ ଶସ୍ୟ ମିଳିଲା ଓ ବାକି ଆବଶ୍ୟକତା ନିମନ୍ତେ ସେମାନଙ୍କୁ ମାସିକ ଭତା ସ୍ୱରୁପ କିଛି ଅର୍ଥରାଶି ଦିଆଯାଉଥିଲା । ଏ ବାବଦରେ ଏତିକି ଧ୍ୟାନ ରଖାଯାଉଥିଲା ଯେ ହଜ୍‌ରତ୍ ଉମର୍ ର:ଅଙ୍କ ଯୁଗରେ ଯେବେ ସିରିଆ ଉପରେ ବିଜୟପ୍ରାପ୍ତ କରାଗଲା ଓ ସେଠାରୁ ବହୁମାତ୍ରାରେ ଜଇତୁନ୍ (ଅଲିଭ୍ ତେଲ) ଆସିଲା ଓ ସମସ୍ତଙ୍କୁ ଜଇତୁନ୍ ତେଲ ମିଳିବାକୁ ଲାଗିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଲୋକଙ୍କୁ ଏହା କହିବାକୁ ଲାଗିଲେ ଯେ ଜଇତୁନ୍ ତେଲ ବ୍ୟବହାର କରି ମୋ ପେଟ ଫୁଲିଯାଉଛି ତେଣୁ ତୁମେ ମତେ ଯଦି ଅନୁମତି ଦିଅ ତା'ହେଲେ ମୁଁ ସେହି ତେଲ ବଦଳରେ ସେତିକି ମୂଲ୍ୟର ଘିଅ ନେଇଯିବି । ଜଇତୁନ୍ ତେଲ ଯେହେତୁ ମୋ ସ୍ୱାସ୍ଥ୍ୟ ପାଇଁ ଭଲ ନାହିଁ ତେଣୁ ଯେତିକି ମୂଲ୍ୟର ଜଇତୁନ୍ ମତେ ମିଳୁଛି ମୁଁ ସେତିକି ମୂଲ୍ୟର ଘିଅ ନେବି । ଅତଏବ ଏହା ଇସ୍‌ଲାମ୍ ଧର୍ମରେ ପ୍ରଥମ ପଦକ୍ଷେପ ଥିଲା, ଯେଉଁ ପଦକ୍ଷେପ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ସକାଶେ ନିଆଯାଇଥିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, ଯଦି ଏହିପରି ବ୍ୟବସ୍ଥା ବର୍ତମାନ ଲାଗୁ ହୋଇଯାଏ ତେବେ ଏହାପରେ ଆଉ ଅନ୍ୟ କୌଣସି ବ୍ୟବସ୍ଥାର ଆବଶ୍ୟକତା ପଡ଼ିବ ନାହିଁ । କାରଣ ସମଗ୍ର ଦେଶରେ ଆବଶ୍ୟକତାକୁ ପୂରଣ କରିବା ହେଉଛି ସରକାରଙ୍କ ଦାୟିତ୍ୱ ସେମାନଙ୍କ ଖାଇବା ପିଇବା, ପିନ୍ଧିବା, ସେମାନଙ୍କର ଶିକ୍ଷା, ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଓ ସେମାନଙ୍କ ରହିବା ପାଇଁ ଘର ନିର୍ମାଣ ଏହି ସମସ୍ତ କାର୍ଯ୍ୟ ଇସ୍‌ଲାମୀୟ ସରକାରଙ୍କ ଦାୟିତ୍ୱ । ଯଦି ଏହି ଦାୟିତ୍ୱଗୁଡ଼ିକ ଓ ଆବଶ୍ୟକତାଗୁଡ଼ିକ ପୂରଣ ହେବ ତା'ହେଲେ କୌଣସି ବିମା ଇତ୍ୟାଦିର ଆବଶ୍ୟକତା ରହିବ ନାହିଁ । ଲୋକମାନେ ଏଥିଯୋଗୁଁ ବିମା କରିଥାନ୍ତି ଯେ ପରେ ଆମେ ଆମ ପିଲାମାନଙ୍କ ପାଇଁ କିଛି ଛାଡ଼ି ଯିବା ବା ଯେବେ ବୃଦ୍ଧାବସ୍ଥାରେ ରୋଜଗାର କରିପାରିବା ନାହିଁ, ସେତେବେଳେ ନିଜର ଆବଶ୍ୟକତାକୁ ପୁରଣ କରିବା । ଯେବେ ସରକାର ଏହି ଦାୟିତ୍ୱ ନିଜ ମୁଣ୍ଡରେ ଦେଇ ଦେବେ ତେବେ କୌଣସି ବିମା କରିବାର ଆବଶ୍ୟକ ପଡ଼ିବ ନାହିଁ । ପୁଣି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଲେଖିଛନ୍ତି ଯେ:- କିନ୍ତୁ ପରେ ଯେଉଁମାନେ ଆସିଲେ ସେମାନେ ଏହା କହିବା ଆରମ୍ଭ କରିଦେଲେ ଯେ ଏହା ରାଜାଙ୍କ ଇଚ୍ଛା ଉପରେ ନିର୍ଭର ଯେ ଯଦି ସେ ଚାହିଁବେ କିଛିଟା ଦେବେ ଯଦି ନ ଚାହିଁବେ ନ ଦେବେ । ଯେହେତୁ ଏବେ ଇସ୍‌ଲାମୀୟ ଶିକ୍ଷା ସମ୍ପୁର୍ଣ୍ଣ ରୂପେ ଲାଗୁ ହୋଇନଥିଲା ତେଣୁ ଲୋକମାନେ ପୁଣି କୈସର୍ ଏବଂ କିସ୍‌ରା ସମ୍ରାଟଙ୍କ ଶୈଳୀ ଆଡ଼କୁ ଆକର୍ଷିତ ହୋଇଗଲେ । ଯେଉଁଭଳି ଅନ୍ୟ ରାଜାମାନେ କରୁଥିଲେ ସେହିପରି ଶୈଳୀ ପୁଣି ଲାଗୁ ହୋଇଗଲା । ***(ତଫ୍‌ସୀର୍ କବୀର୍, ଖଣ୍ଡ-୭, ପୃ-୩୩୪-୩୩୬)*** ।

ଇସ୍‌ଲାମୀୟ ହୁକୁମତ୍ (ସରକାର)ଙ୍କର ପ୍ରତ୍ୟେକ ବ୍ୟକ୍ତି ପାଇଁ ରୁଟି କପଡ଼ାର ବ୍ୟବସ୍ଥା ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ "ଇସ୍‌ଲାମୀୟ ସରକାର ଯେବେ ସେ ଧନସମ୍ପତିର ମାଲିକ ହେଲା ସେତେବେଳେ ସେ ପ୍ରତ୍ୟେକଙ୍କ ପାଇଁ ରୁଟି ଓ କପଡ଼ାର ବ୍ୟବସ୍ଥା କଲା । ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଯେବେ ନିଜମା (ବ୍ୟବସ୍ଥା) ସମ୍ପୁର୍ଣ୍ଣ ହେଲା, ସେତେବେଳେ ଇସ୍‌ଲାମୀୟ ଶିକ୍ଷା ଅନ୍ତର୍ଗତ ପ୍ରତ୍ୟେକ ନାଗରୀକଙ୍କ ନିମନ୍ତେ ଖାଦ୍ୟ ଓ ପୋଷାକ ଉପଲବ୍ଧ କରିବା ସରକାରଙ୍କର ଦାୟିତ୍ୱ ଥିଲା ଓ ସେ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସମ୍ପୁର୍ଣ୍ଣ ରୂପେ ନିର୍ବାହ କରୁଥିଲା । ହଜ୍‌ରତ୍ ଉମର୍ ର:ଅ ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଜନଗଣନା ଜାରି କରାଇଥିଲେ ଏବଂ ପଞ୍ଜିକରଣ କରାଇଲେ ଯେଉଁଥିରେ ସବୁ ଲୋକମାନଙ୍କର ନାମ ଦରଜ କରାଯାଉଥିଲା । ଏହାକୁ ୟୁରୋପୀୟ ଲେଖକମାନେ ମଧ୍ୟ ସ୍ୱୀକାର କରୁଛନ୍ତି ଯେ ଜନଗଣନାର ଆରମ୍ଭ ହଜ୍‌ରତ୍ ଉମର୍ ର:ଅ କରିଥିଲେ ଓ ହଜ୍‌ରତ୍ ଉମର୍ ର:ଅ ହିଁ ପଞ୍ଜିକରଣ ବ୍ୟବସ୍ଥାକୁ ଲାଗୁ କରାଇଥିଲେ । ଏହି ଜନଗଣନାର କାରଣ ଏହା ଥିଲା ଯେ ପ୍ରତ୍ୟେକ ଲୋକଙ୍କୁ ଖାଦ୍ୟ ଓ ପୋଷାକ ଯୋଗାଇ ଦିଆଯିବ । ସରକାରଙ୍କ ପାଇଁ ଏହା ଜରୁରୀ ଥିଲା ଯେ ସେ ଏହା ବିଷୟରେ ଅବଗତ ରହୁ କି ଏ ରାଜ୍ୟରେ କେତେ ଲୋକ ଅଛନ୍ତି । ଆଜି ଏହା କୁହାଯାଏ ଯେ, ସୋଭିଏତ୍ ଋଷ୍ ଗରିବ ଲୋକଙ୍କ ନିମନ୍ତେ ଖାଦ୍ୟ ଏବଂ ବସ୍ତ୍ରର ବ୍ୟବସ୍ଥା କରିଛି । କିନ୍ତୁ ଏହି ପ୍ରକାରର ଆର୍ଥିକ ବ୍ୟବସ୍ଥା ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମ ଜାରି କରିଥିଲା ଏବଂ ବ୍ୟବହାରିକ ରୂପେ ହଜ୍‌ରତ୍ ଉମର୍ ର:ଅ କାଳରେ ପ୍ରତ୍ୟେକ ପୂରପଲ୍ଲୀରେ, ନଗର ଏବଂ ସହରରେ ବସବାସ କରୁଥିବା ଲୋକମାନଙ୍କର ନାମ ପଞ୍ଜିକରଣ ହେଉଥିଲା । ପ୍ରତ୍ୟେକ ଲୋକର ସ୍ତ୍ରୀ ଓ ପିଲାଙ୍କ ନାମ ଓ ସେମାନଙ୍କ ସଂଖ୍ୟା ସେଥିରେ ଦରଜ କରାଯାଉଥିଲା । ପୁଣି ପ୍ରତ୍ୟେକ ବ୍ୟକ୍ତି ପାଇଁ ଖାଦ୍ୟର ଏକ ସୀମା ନିର୍ଦ୍ଧାରଣ କରାଯାଉଥିଲା ଯଦ୍ୱାରା ଅଳ୍ପ ଖାଦ୍ୟ ଖାଉଥିବା ଲୋକ ମଧ୍ୟ ଚଳିପାରିବ ଓ ଅଧିକା ଖାଉଥିବା ଲୋକଟି ମଧ୍ୟ ନିଜ ଇଚ୍ଛା ମୁତାବକ ଖାଇପାରିବ ।

ଇତିହାସରୁ ମିଳୁଛି ଯେ ହଜ୍‌ରତ୍ ଉମର୍ ର:ଅ ପ୍ରାରମ୍ଭରେ ଯେଉଁ ନିଷ୍ପତି ନେଇଥିଲେ ସେଥିରେ କ୍ଷୀରପାନ କରୁଥିବା ପିଲାମାନଙ୍କୁ ଧ୍ୟାନ ଦିଆଯାଉନଥିଲା । ଯେତେବେଳେ ମାଆମାନେ ନିଜ ପିଲାମାନଙ୍କୁ କ୍ଷୀର ଖୁଆଇବା ଛଡ଼ାଇ ଦେଉଥିଲେ, ସେତେବେଳେ ସେହି ପିଲାମାନଙ୍କୁ ରାଶନ ଆକାରରେ ଶସ୍ୟ ଇତ୍ୟାଦି ମିଳିବା ଆରମ୍ଭ ହେଉଥିଲା ।" ଯେମିତି କି ମୁଁ ଗତ ଖୁତ୍‌ବାରେ ବର୍ଣ୍ଣନା କରିଥିଲି ଯେ "ଦିନେ ରାତିରେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କ ପରିସ୍ଥିତି ଓ ଅବସ୍ଥା ସମ୍ବନ୍ଧରେ ଜାଣିବା ପାଇଁ ଗସ୍ତ କରୁଥିଲେ ଯେ ଗୋଟିଏ ତମ୍ବୁ ଭିତରେ କୌଣସି ଏକ ପିଲାର କାନ୍ଦିବା ସ୍ୱର ଶୁଣିବାକୁ ମିଳିଲା । ଆପଣ ର:ଅ ସେଠାରେ ରହିଗଲେ । କିନ୍ତୁ ପିଲାଟି ଅନବରତ କାନ୍ଦୁଥିଲା । ମା' ତାକୁ ଥାପୁଡେଉଥିଲା ଯଦ୍ୱାରା ସେ ଶୋଇପଡ଼ିବ । ଯେବେ ବହୁ ସମୟ ଧରି ଏପରି ଲାଗି ରହିଲା, ହଜ୍‌ରତ୍ ଉମର୍ ର:ଅ ସେହି ତମ୍ବୁ ଭିତରକୁ ଯାଇ ସେହି ମହିଳାଙ୍କୁ ପଚାରିଲେ ଯେ ତୁମେ ପିଲାଟିକୁ କାହିଁକି କ୍ଷୀର ଖୁଆଉ ନାହଁ ? ସେ ବହୁ ସମୟ ହେବ କାନ୍ଦିଲାଣି । ସେହି ମହିଳାଜଣକ ହଜ୍‌ରତ୍ ଉମର୍ ର:ଅଙ୍କୁ ଚିହ୍ନିପାରିଲା ନାହିଁ । ସେ ଭାବିଲା ବୋଧ ହୁଏ ଜଣେ ସାଧାରଣ ଲୋକ ହୋଇଥିବ । ଅତଏବ ସେ ଉତର ଦେଲା ଯେ କ'ଣ ତୁମେ ଜାଣିନାହଁ କି ଉମର୍ ଏ ନିଷ୍ପତି କରିଛନ୍ତି ଯେ କ୍ଷୀରପାନ କରୁଥିବା ପିଲାକୁ ରାଶନ (ଶସ୍ୟ) ମିଳିବ ନାହିଁ । ଆମେ ଗରୀବ ଲୋକ । ଆମେ ବହୁତ ଅସୁବିଧାରେ ଦିନ କାଟୁଛୁ । ମୁଁ ଏହି ପିଲାର କ୍ଷୀରପାନ ଛଡ଼େଇ ଦେଇଛି ଯଦ୍ୱାରା ବଇତୁଲ୍ ମାଲ୍‌ରୁ ତାକୁ ରାଶନ ମିଳିପାରିବ । ଏବେ ଯଦି ଇଏ କାନ୍ଦୁଛି କାନ୍ଦୁଥାଉ । ଉମରଙ୍କର ଜୀବନକୁ କାନ୍ଦୁ, ଯିଏ ଏପରି ନିୟମ ଲାଗୁ କରିଛନ୍ତି । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ ସେହି କ୍ଷଣି ଲେଉଟି ଆସିଲେ ଓ ରାସ୍ତାରେ ନିଜକୁ ନିଜେ ବହୁତ ଦୁଃଖରେ ଏହା କହି ଚାଲୁଥିଲେ ଯେ ଉମର୍ ! ଉମ୍ ! ଜଣାନାହିଁ ତୁ ଏହି କାନୁନ୍ ଦ୍ୱାରା କେତେ ଆରବ ପିଲାମାନଙ୍କର କ୍ଷୀରପାନ ଛଡ଼ାଇ ଆସନ୍ତା ପିଢ଼ୀକୁ ଦୃବଳ କରିଦେଇଛୁ । ସେହି ପାପ ଏବେ ତୋ ମୁଣ୍ଡରେ । ଏହା କହି ଆପଣ ର:ଅ ଷ୍ଟୋର୍‌କୁ ଆସିଲେ ଦରଜା ଖୋଲିଲେ ଏବଂ ଗୋଟିଏ ଅଟା ବସ୍ତା ନିଜ ପିଠିରେ ଲଦିଲେ । କେହି ଜଣେ କହିଲା ମତେ ଏ ବସ୍ତା ଦେଇ ଦିଅନ୍ତୁ ମୁଁ ଏହାକୁ ଉଠାଇ ଦେଉଛି । ହଜ୍‌ରତ୍ ଉମର୍ ର:ଅ କହିଲେ:- ନୁହେଁ ! ଭୂଲ୍ ମୁଁ କରିଛି ତେଣୁ ତାହାର ପରିଣାମ ଭୋଗିବା ମୋ ପାଇଁ ଜରୁରୀ ଅଟେ । ସୁତରାଂ ସେହି ଅଟାବସ୍ତାକୁ ପିଠିରେ ଲଦି ସେହି ମହିଳାଙ୍କ ନିକଟକୁ ନେଇ ପହଂଚାଇଲେ । ତା' ପରଦିନ ଏ ନିର୍ଦ୍ଦେଶ ଦେଲେ ଯେ ଯେଉଁଦିନ ପିଲା ଜନ୍ମ ହେବ ସେହି ଦିନଠାରୁ ତା' ପାଇଁ ରାଶନ ଧାର୍ଯ୍ୟ

କରାଯାଉ । କାରଣ ତା ମାଆ ଯିଏ ତାକୁ କ୍ଷୀର ଖୁଆଉଛି ଅଧିକା ଖାଦ୍ୟ ଆବଶ୍ୟକ କରୁଛି ।" ***(ଇସ୍‌ଲାମ୍ କା ଇକ୍‌ତିସାଦି ନିଜାମ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୬୧-୬୨)***

ପୁଣି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ:- ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ବସ୍ତ୍ର ଓ ବାସଗୃହର ବ୍ୟବସ୍ଥା କରିବା ଇସ୍‌ଲାମୀୟ ରାଷ୍ଟ୍ରର ମୌଳିକ କର୍ତବ୍ୟ । ତେଣୁ ଇସ୍‌ଲାମ୍ ଧର୍ମ ହିଁ ଏହି ସମସ୍ତ ନୀତିଗୁଡ଼ିକୁ ସର୍ବପ୍ରଥମେ ପ୍ରଣୟନ କରିଛି । ସୁତରାଂ ଏହି ନୀତିଗୁଡ଼ିକୁ ବର୍ତମାନ ଅନ୍ୟ ରାଷ୍ଟ୍ରମାନେ ଅନୁକରଣ କରୁଛନ୍ତି । କିନ୍ତୁ ସେମାନେ ଏହାକୁ ପୂର୍ଣ୍ଣ ରୂପେ ଅନୁକରଣ କରୁନାହାନ୍ତି । ବୀମା କରାଯାଉଛି, ପରିବାରକୁ ପେନ୍‌ସନ୍ ଦିଆଯାଉଛି । କିନ୍ତୁ ଯୁବାବସ୍ଥା ଏବଂ ବାର୍ଦ୍ଧକ୍ୟାବସ୍ଥାର ଖୋରାକ ଓ ପୋଷାକ ଉଭୟ ଦାୟିତ୍ୱ ରାଷ୍ଟ୍ର ଉପରେ ହିଁ ନ୍ୟସ୍ତ ହୋଇଥାଏ । ଅତଏବ ଇସ୍‌ଲାମ୍ ଧର୍ମ ପୂର୍ବରୁ ଅନ୍ୟ କୌଣସି ଧର୍ମ ଏଭଳି ନୀତି ଉପସ୍ଥାପିତ କରି ନାହିଁ । ବର୍ତମାନ ପୃଥିବୀରେ ସାଂସାରୀକ ସରକାରଗୁଡ଼ିକ ଜନଗଣନା ଏଥି ସକାଶେ କରୁଛନ୍ତି ଯେ ଏହା ଦ୍ୱାରା ଟ୍ୟାକ୍ସ ଆଦାୟ ସହଜ ହେବ, ସେନାରେ ଭର୍ତି ବିଷୟରେ ସୂଚନା ମିଳିବ ଯେ ଆବଶ୍ୟକ ପଡ଼ିଲେ କେତେ ସଂଖ୍ୟାରେ ଯୁବକ (ଯବାନ୍) ମିଳିପାରିବେ । କିନ୍ତୁ ଇସ୍‌ଲାମୀୟ ହୁକୁମତ୍‌ରେ ଯେଉଁ ପ୍ରଥମ ଜନଗଣନା ହଜ୍‌ରତ୍ ଉମର୍ ର:ଅ କରାଇଥିଲେ ତାହା ଏଥିପାଇଁ କରାଯାଇଥିଲା ଯେ ଏହା ଦ୍ୱାରା ସବୁ ଲୋକଙ୍କୁ ଖାଇବା ଓ ପିନ୍ଧିବା ପାଇଁ ବସ୍ତ୍ର ମିଳିପାରିବ । ଟ୍ୟାକ୍ସ ଆଦାୟ ପାଇଁ ନୁହେଁ କି ସେନାରେ ଯବାନମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନୁହେଁ । ବରଂ ସେହି ଜନଗଣନା କବେଳ ଏଥିପାଇଁ କରାଯାଇଥିଲା କି ପ୍ରତ୍ୟେକ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇ ଦିଆଯିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗୋଟିଏ ଜନଗଣନା ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗରେ ମଧ କରାଯାଇଥିଲା । କିନ୍ତୁ ସେ ସମୟରେ ଇସ୍‌ଲାମୀୟ ଶାସନ ମୁସଲମାନମାନଙ୍କୁ ପ୍ରାପ୍ତ ହୋଇନଥିଲା । ତେଣୁ ସେହି ଜନଗଣନାର ଉଦ୍ଦେଶ୍ୟ ଏହା ଥିଲା କି ମୁସଲମାନମାନଙ୍କ ସଂଖ୍ୟା ନିରୂପଣ କରାଯାଇପାରିବ । ଯେଉଁ ଜନଗଣନା ଇସ୍‌ଲାମୀୟ ହୁକୁମତ୍‌ରେ ସର୍ବପ୍ରଥମେ କରାଯାଇଥଲା ତାହା ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ହୋଇଥିଲା ଫଳତଃ ପ୍ରତ୍ୟେକ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇ ଦିଆଯାଇପାରିବ । ଏହା କେଡ଼େ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଏହା ଦ୍ୱାରା ସାରା ଦୁନିଆରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । କେବଳ ଏତିକି କହିନେବା ଯେ ଦରଖାସ୍ତ ଦିଅ ତା' ଉପରେ ଚିନ୍ତା କରାଯିବ, ଏହାକୁ ପ୍ରତ୍ୟେକ ବ୍ୟକ୍ତି ବରଦାସ୍ତ କରିପାରେନାହିଁ ତେଣୁ ଇସ୍‌ଲାମ୍ ଏ ନିୟମ ଧାର୍ଯ୍ୟ କରିଛି ଯେ ଖାଦ୍ୟ ଏବଂ ବସ୍ତ୍ରର ଦାୟିତ୍ୱ ସରକାରଙ୍କର । ପ୍ରତ୍ୟେକ ଧନୀ ଓ ଗରୀବଙ୍କୁ ଏହା ଦିଆଯିବ । ଜଣେ କୋଟିପତି ହୋଇଥାନ୍ତୁ ନା କାହିଁକି । ସେ ଏହାକୁ ନେଇ ଆଉ କାହାକୁ ନ ଦେଉ କାହିଁକି । ଏହା ଦ୍ୱାରା କାହାକୁ ଏକଥା ଅନୁଭବ ନ ହେଉ ତାକୁ ଛୋଟ ମଣାଯାଉଛି ।" ***(ତଫ୍‌ସୀର୍ କବୀର, ଖଣ୍ଡ-୧୦, ପୃ-୩୦୮)***

ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ୨୦ ହିଜ୍‌ରୀରେ ଅଧିକୃତ ରାଷ୍ଟ୍ରକୁ ଆଠଟି ପ୍ରଦେଶରେ ବିଭକ୍ତ କରାଯାଇଥିଲା । ଯଦ୍ୱାରା ପ୍ରଶାସନିକ ବ୍ୟବସ୍ଥା ସହଜ ହୋଇପାରିବ । ଏକ ନମ୍ବରରେ (୧) ମକ୍କା (୨) ମଦିନା (୩) ସିରିଆ (୪) ଜଜିରାଃ (୫) ବସ୍‌ରା (୬) କୁଫା (୭) ମିସର୍ ଏବଂ (୭) ପାଲେଷ୍ଟାଇନ୍ । ***(ଅଲ୍‌ଫାରୁକ...... ପୃ-୧୮୫, ୨୦୭-୨୦୮.....କରାଚି ୧୯୯୧)***

ପୁନଶ୍ଚ ଶୁରା (ପରାମର୍ଶ କମିଟି)ର ଉପସ୍ଥାପନ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ହିଁ ହୋଇଥିଲା । ମଜ୍‌ଲିସ୍ ଶୁରାରେ ସର୍ବଦା ବାଧତାମୂଳକ ଭାବରେ ଉଭୟ ଗୋଷ୍ଠୀ ଅର୍ଥାତ ପ୍ରବାସକାରୀମାନେ ଓ ଅନ୍‌ସାରମାନଙ୍କର ପ୍ରତିନିଧିମାନେ ସାମିଲ ହେଉଥିଲେ ଅନ୍‌ସାରମାନେ ଦୁଇଟି କବିଲାରେ ବିଭକ୍ତ ଥିଲେ ଅଓସ୍ ଏବ ଖଜ୍‌ରଜ୍ । ଅତଏବ ଏହି ଦୁଇଟି ବଂଶର ଲୋକମାନେ ମଜ୍‌ଲିସ୍ ଶୁରାରେ ସାମିଲ ହେବା ଜରୁରୀ ଥିଲା । ଏହି ମଜ୍‌ଲିସ୍ ଶୁରାରେ ହଜ୍‌ରତ୍ ଉସ୍‌ମାନ୍ ର:ଅ, ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅ, ହଜ୍‌ରତ୍ ଉବୈ ବିନ୍ କଆବ୍ ର:ଅ ଏବଂ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ ସାମିଲ ହେଉଥିଲେ । ମଜ୍‌ଲିସ୍ (ସଭା) ଅନୁଷ୍ଠିତ ହେବାର ପ୍ରକ୍ରିୟା ଶୈଳୀ ଏପରି ଥିଲା କି ପ୍ରଥମେ ଜଣେ ଘୋଷଣାକାରୀ ଏହା ଘୋଷଣା କରୁଥିଲେ ଯେ **ଅସ୍‌ସଲାତୁ ଯାମିଅତୁନ୍** ଅର୍ଥାତ ସବୁଲୋକମାନେ ନମାଜ ପଢ଼ିବା ପାଇଁ ଏକତ୍ରିତ ହୋଇଯାଆନ୍ତୁ । ଯେବେ ଲୋକମାନେ ଏକାଠି ହୋଇଯାଉଥିଲେ, ହଜ୍‌ରତ୍ ଉମର୍ ର:ଅ ମସ୍‌ଜିଦ୍ ନବୱିରେ ଯାଇ ଦୁଇ ରେକାତ ନମାଜ ପଢୁଥିଲେ । ନମାଜ ପଢ଼ିବା ପରେ ମେମ୍ବର (Dice) ଉପରେ ଚଢ଼ି ଖୁତ୍‌ବା ପ୍ରଦାନ କରୁଥିଲେ ଏବଂ ବିତର୍କ ଯୋଗ୍ୟ ବିଷୟ ଉପସ୍ଥାପନ କରାଯାଉଥିଲା । ତା' ଉପରେ ତର୍କବିତର୍କ ହେଉଥିଲା । । ସାଧାରଣ ଏବଂ ଦୈନନ୍ଦିନ ପ୍ରସଙ୍ଗକୁ ଉକ୍ତ ମଜ୍‌ଲିସ୍‌ରେ ଉପସ୍ଥାପିତ କରାଯାଇ ସର୍ବସମ୍ମତିଙ୍କ ନିଷ୍ପତିକୁ ଚୁଡ଼ାନ୍ତ ନିଷ୍ପତି ଭାବେ ବିବେଚିତ କରାଯାଉଥିଲା । କିନ୍ତୁ ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପିତ ହେଉଥିଲା ସେତେବେଳେ ମୁହାଜିର୍ ଓ ଅନ୍‌ସାର୍‌ମାନଙ୍କର ସାଧାରଣ ସଭା ବସୁଥିଲା ଏବଂ ସମସ୍ତଙ୍କ ସହମତି କ୍ରମେ ଆଲୋଚ୍ୟ ପ୍ରସଙ୍ଗଟି ସ୍ଥିର ହେଉଥିଲା । ସେନାର ବେତନ, କାର୍ଯ୍ୟାଳୟର କ୍ରମ, କର୍ମଚାରୀମାନଙ୍କର ନିଯୁକ୍ତି, ବିଦେଶୀମାନଙ୍କୁ ବ୍ୟବସାୟ କରିବାର ଅଧିକାର ଓ ସ୍ୱାଧିନତା ଏବଂ ସେମାନଙ୍କ ଉପରେ ରାଜସ୍ୱ ମୂଲ୍ୟାୟନ, ସୁତରାଂ ଏହି ପ୍ରକାରର ଅନେକ ମାମଲା ମଜ୍‌ଲିସ୍ ଶୁରାରେ ଉପସ୍ଥାପିତ ହୋଇ ଧାର୍ଯ୍ୟ କରାଯାଉଥିଲା । ମଜ୍‌ଲିସ୍ ଶୁରା ଅଧିକାଂଶ ସମୟ ଖାସ୍ ଖାସ୍, ବିଶେଷ ଆବଶ୍ୟକତାର ଆବଶ୍ୟକ ସମୟରେ ଅନୁଷ୍ଠିତ ହେଉଥିଲା । ରାଜ୍ୟ ଏବଂ ଜିଲ୍ଲାଗୁଡ଼ିକରୁ ପ୍ରତ୍ୟେକ ଦିନ ଯେଉଁ ଖବର ଆସୁଥିଲା ତାହାକୁ ହଜ୍‌ରତ୍ ଉମର୍ ର:ଅ ମଜ୍‌ଲିସ୍‌ରେ ବର୍ଣ୍ଣନା କରୁଥିଲେ ଏବଂ ଯଦି କିଛି ତର୍କପୂର୍ଣ୍ଣ କଥା ଥାଏ, ତେବେ ସେ ସମ୍ବନ୍ଧରେ ଲୋକମାନଙ୍କର ରାୟ ନିଆଯାଉଥିଲା । ମଜ୍‌ଲିସ୍ ଶୁରାର ସଦସ୍ୟମାନଙ୍କ ବ୍ୟତୀତ ପ୍ରଜାମାନଙ୍କୁ ପ୍ରଶାସନିକ ପ୍ରସଙ୍ଗରେ ହସ୍ତକ୍ଷେପ ଥିଲା । ଏହା ବ୍ୟତୀତ ଅନ୍ୟ ଏକ ମଜ୍‌ଲିସ୍ ଶୁରା ରହିଥିଲା ଯେଉଁଠି ପ୍ରତିଦିନ ବ୍ୟବସ୍ଥା ଏବଂ ଆବଶ୍ୟକତା ସଂପର୍କରେ କଥୋପକଥନ କରାଯାଉଥିଲା । ଏହି ମଜ୍‌ଲିସ୍‌ଟି ସର୍ବଦା ମସ୍‌ଜିଦେ ନବୱୀରେ ଅନୁଷ୍ଠିତ ହେଉଥିଲା ଏବଂ ଉକ୍ତ ମଜ୍‌ଲିସ୍‌ରେ କେବଳ ମୁହାଜିର୍ ଅର୍ଥାତ ପ୍ରବାସକାରୀ ସାହାବାମାନେ ହିଁ ସାମିଲ ହେଉଥିଲେ (୨୪) ପ୍ରଦେଶଗୁଡ଼ିକ ଏବଂ ଜିଲ୍ଲାଗୁଡ଼ିକର ବିଚାରକମାନେ ଜନସାଧାରଣଙ୍କ ଇଚ୍ଛାନୁଯାୟୀ ମନୋନୀତ ହେଉଥିଲେ ବେଳେବେଳେ କେତେକ ଜରୁରୀକାଳୀନ ପରିସ୍ଥିତିରେ ସଂପୂର୍ଣ୍ଣ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଥିଲା । କୁଫା, ବସ୍‌ରା ଏବଂ ସିରିଆରେ ଯେତେବେଳେ ଖରାଜ ନିର୍ଦ୍ଧାରଣ କରିବା ପାଇଁ କର୍ମଚାରୀ ନିଯୁକ୍ତ କରିବା ଆରମ୍ଭ ହେଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେହି ତିନୋଟି ରାଜ୍ୟକୁ ବାର୍ତା ପଠାଇଲେ ଯେ ସେଠିକାର ଲୋକମାନେ ନିଜ ନିଜ ପସନ୍ଦର ଜଣେ ଲୋକଙ୍କୁ ନିର୍ବାଚିତ କରି ପଠାନ୍ତୁ, ଯେଉଁମାନେ ସେମାନଙ୍କ ନିକଟରେ ସବୁ ଲୋକଙ୍କ ଅପେକ୍ଷା ଅଧିକ ସଚ୍ଚୋଟ ଏବଂ ଯୋଗ୍ୟ ହୋଇଥିବେ । ***(ଅଲ୍‌ଫାରୁକ୍.... ପୃ-୧୮୦-୧୮୨.....କରାଚି ୧୯୯୧)***

କର୍ମଚାରୀମାନଙ୍କର ନିଯୁକ୍ତି ଓ ସେମାନଙ୍କ ନିମନ୍ତେ କ'ଣ ଉପଦେଶ ଥିଲା ? ହଜ୍‌ରତ୍ ଉମର୍ ର:ଅ କିପରି ଉପଦେଶ ଦେଉଥିଲେ ? ଏ ସମ୍ବନ୍ଧରେ ଉଲ୍ଲେଖ ଅଛି ଯେ, ଗୁରୁତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ନିମନ୍ତେ ଓହ୍‌ଦାଦାରମାନଙ୍କର ନିଯୁକ୍ତି ଶୁରା ଜରିଆରେ କରାଯାଉଥିଲା । ଯାହା ଉପରେ ଶୁରାର ସଦସ୍ୟମାନେ ସହମତ ପ୍ରକାଶ କରୁଥିଲେ ତାହାଙ୍କୁ ଚୟନ କରାଯାଉଥିଲା । ବେଳେ ବେଳେ ପ୍ରଦେଶ ବା ଜିଲ୍ଲାର ହାକିମମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା ଯେ ଯେଉଁ ବ୍ୟକ୍ତି ଅଧିକା ଯୋଗ୍ୟ ତାହାଙ୍କୁ ଚୟନ କରି ପଠାଅ । ସୁତରାଂ ସେହି ଚୟନ କରାଯାଇଥିବା ଲୋକମାନଙ୍କୁ ହଜ୍‌ରତ୍ ଉମର୍ ର:ଅ ଆମିଲ୍ (କର୍ମଚାରୀ) ରୂପେ ନିଯୁକ୍ତ କରୁଥିଲେ । ହଜ୍‌ରତ୍ ଉମର୍ ର:ଅ କର୍ମଚାରୀମାନଙ୍କର ଅଧିକା ବେତନ ନିର୍ଦ୍ଧାରଣ କରିଥିଲେ ଯଦ୍ୱାରା ଏମାନେ ଇମାନ୍‌ଦାରୀ ସହିତ କାମ କରିପାରିବେ । ସାଂସାରୀକ ଲୋଭ ରହିବ ନାହିଁ ।

ହଜ୍‌ରତ୍ ଉମର୍ ର:ଅ ଉଚ୍ଚ ପଦାଧିକାରୀମାନଙ୍କୁ ଏହି ଉପଦେଶ ଦେଉଥିଲେ ଯେ, ମୁଁ ତୁମମାନଙ୍କୁ ଅମୀର ଏଥିପାଇଁ ନିଯୁକ୍ତ କରି ନାହିଁ ଯେ, ତୁମେମାନେ ଲୋକମାନଙ୍କ ଉପରେ କଠୋରତା ପ୍ରଦର୍ଶନ କରିବ । ବରଂ ମୁଁ ତୁମମାନଙ୍କୁ ଏଥିପାଇଁ ଅମୀର ତଥା ଧର୍ମାଧ୍ୟକ୍ଷ ରୂପେ ନିଯୁକ୍ତ କରିଛି ଯେ, ଲୋକମାନେ ତୁମକୁ ଅନୁକରଣ କରିବେ । ମୁସଲମାନମାନଙ୍କର ଅଧିକାର ସମ୍ପାଦନ କରିବା, ସେମାନଙ୍କୁ ଆଘାତ ନ ପହଂଚାଇବା ସେମାନଙ୍କ ପରମ କର୍ତବ୍ୟ ହେବା ଉଚିତ । ତୁମେମାନେ ଲୋକମାନଙ୍କୁ କେବଳ ଶାସ୍ତି ତଥା ଦଣ୍ଡ ଦେବା ପାଇଁ ମୁତୟନ କରାଯାଇ ନାହିଁ ତେଣୁ ସେମାନଙ୍କ ଅଧିକାର ସମ୍ପାଦନ କରିବା ପ୍ରତି ପ୍ରୟାସରତ ରୁହ । କାହାର ଅଯଥା ପ୍ରଶଂସା କରନାହିଁ ଯେ ସେ ପରୀକ୍ଷାରେ ପଡ଼ିଯିବ । ସେମାନଙ୍କ ପାଇଁ ନିଜର ଦ୍ୱାର ସର୍ବଦା ବନ୍ଦ ରଖିବ ନାହିଁ । ଏପରି ନ ହେଉକି ଶକ୍ତିଶାଳୀ ଲୋକଙ୍କୁ ଦୁର୍ବଳ ଲୋକମାନେ ଖାଇଯିବେ । ନିଜକୁ କାହା ଉପରେ ବି ଅଗ୍ରାଧିକାର ଦେବନାହିଁ ଏହା ତା ଉପରେ ଜରୁରୀ ହେବ । କୌଣସି ବ୍ୟକ୍ତିର ନିନ୍ଦା କରିବ ନାହିଁ, ଯଦ୍ୱାରା ସେମାନେ ଉପଦ୍ରବରେ ପିଡ଼ୀତ ହେବେ । ଯେଉଁ ବ୍ୟକ୍ତି କର୍ମକର୍ତା ରୂପେ ନିଯୁକ୍ତ ହୁଏ ତା'ଠାରୁ ଏହି ପ୍ରତିଜ୍ଞା ନିଆଯାଉଥିଲା ଯେ, ସେ ତୁର୍କୀ ଅଶ୍ୱ ଉପରେ ଆରୋହଣ ହେବ ନାହିଁ, ସୂକ୍ଷ୍ମ ବସ୍ତ୍ର ପିନ୍ଧିବ ନାହିଁ, ଚାଲୁଣୀ ଛଣା ଅଟା ଖାଇବ ନାହିଁ । ଦୁଆର ସମ୍ମୁଖରେ ପ୍ରହରୀ ନିଯୁକ୍ତ କରିବ ନାହିଁ, ଅଭାବିମାନଙ୍କ ପାଇଁ ସର୍ବଦା ନିଜ ଦ୍ୱାର ଉନ୍ମୁକ୍ତ ରଖିବ ଏହି ଉପଦେଶ ସମସ୍ତ କର୍ମକର୍ତାମାନଙ୍କୁ ଦିଆଯାଉଥିଲା ଓ ଲୋକମାନଙ୍କୁ ପଢ଼ି ଏହା ଶୁଣାଇ ଦିଆଯାଉଥଲା । କର୍ମକର୍ତା ନିଯୁକ୍ତ ହେବା ପରେ ସେମାନଙ୍କ ଧନ ଓ ଆସବାବ ପତ୍ରର ଯାଂଚ କରାଯାଉଥିଲା । ଯଦି କର୍ମକର୍ତାଙ୍କ ଆର୍ଥିକ ଅବସ୍ଥାରେ ଅସାଧାରଣ ଉନ୍ନତି ପରିଲକ୍ଷିତ ହେଉଥିଲା ଏବଂ ସେମାନେ ଯଦି ସାନ୍ତ୍ୱନାମୂଳକ ସ୍ୱଷ୍ଟୀକରରଣ ଦେଇପାରୁନଥିଲେ ତେବେ ସେ ପରିପ୍ରେକ୍ଷୀରେ ସେମାନଙ୍କର ଧରପକଡ଼ ହେଉଥିଲା । ରୋଜଗାରଠାରୁ ଅଧିକା ଧନ ରଖିଥିଲେ ତାହାକୁ ବଇତୁଲ୍ ମାଲ୍‌ରେ ଜମା କରାଯାଉଥିଲା । ଆମିଲ୍ (ଅର୍ଥାତ କର୍ମକର୍ତା)ମାନଙ୍କୁ ଏ ନିର୍ଦ୍ଦେଶ ଥିଲା ଯେ ହଜ୍ ସମୟରେ ସେମାନେ ନିଶ୍ଚିତ ରୂପେ ଏକାଠି ହେବେ । ସେଠାରେ ପବ୍ଲିକ୍ ଅଦାଲତ ଲଗାଯାଉଥିଲା, ଯଦି କାହାକୁ କୌଣସି ଆମିଲ୍ ଉପରେ କୌଣସି ଆପତି ଅଭିଯୋଗ ଥିଲା ତା'ହେଲେ ଯଥାଶିଘ୍ର ଏହାର ସମାଧାନ କରାଯାଉଥିଲା ଆମିଲ୍‌ମାନଙ୍କର ଯେଉଁ ଅଭିଯୋଗ ହେଉଥିଲା, ସେମାନଙ୍କ ଅନୁସନ୍ଧାନ କରିବା ବାବଦରେ ମଧ ଗୋଟିଏ ପଦବୀ କାଏମ୍ କରାଯାଇଥିଲା । ବଡ଼ ସାହାବା ସେଥିରେ ରହୁଥିଲେ ଓ ଅନୁସନ୍ଧାନ କରିବାକୁ ଯାଉଥିଲେ ଯଦି ଅଭିଯୋଗ ଠିକ୍ ଥାଏ ତା'ହେଲେ ଆମିଲ୍‌ମାନଙ୍କୁ କୋର୍ଟ ଚାଲାଣ କରାଯାଉଥିଲା ।

ଆମିଲ୍‌ମାନଙ୍କର ଅଭିଯୋଗ ହେବା ସ୍ଥଳେ ହଜ୍‌ରତ୍ ଉମର୍ ର:ଅଙ୍କର ମନୋଭାବ କ'ଣ ଥିଲା ? ସେ ବିଷୟରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କର ଗୋଟିଏ ଘଟଣା । କୁଫା ରାଜ୍ୟର ଲୋକମାନେ ବଡ଼ ବିଦ୍ରୋହି ଥିଲେ । ସେମାନେ ସର୍ବଦା ନିଜ ଅଫିସରମାନଙ୍କର ଅଭିଯୋଗ କରୁଥିଲେ କି ଅମୁକ କାଜି ଏମିତି ସମୁକ କାଜି ସେମିତି ଏବଂ ଅମୁକ ହାକିମର ଅମୁକ ଦୋଷ ଦୃବଳତା ରହିଛି ଇତ୍ୟାଦି ଇତାଦି । ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ଅଭିଯୋଗ ମୁତାବକ ହାକିମମାନଙ୍କୁ ବଦଳାଇ ଦେଉଥିଲେ । ନୂଆ ଅଫିସର ନିଯୁକ୍ତି କରି ପଠାଇ ଦେଉଥିଲେ । କିଛି ଲୋକେ ତ' ହଜ୍‌ରତ୍ ଉମର୍ ର:ଅଙ୍କୁ ଏହା କହିଦେଲେ ଯେ ଏପରି ପଦ୍ଧତି ଠିକ୍ ନୁହେଁ । ଯଦି ଏହିପରି ହାକିମ୍ ମାନଙ୍କୁ ବଦଳାଇ ଚାଲିବ, ସେମାନେ ଆପତି ଅଭିଯୋଗ କରିଚାଲିବେ । ତେଣୁ ଆପଣ ବାରମ୍ବାର ଅଫିସରମାନଙ୍କ ବଦଳି କରନ୍ତୁ ନାହିଁ । କିନ୍ତୁ ହଜ୍‌ରତ୍ ଉମର୍ ର:ଅ କହିଲେ ମୁଁ ଅଫିସରମାନଙ୍କର ବଦଳି କରିଚାଲିଥିବି ଏପରି କି କୁଫାର ଲୋକମାନେ ନିଜେ ହିଁ ଥକି ଯିବେ । ଯେତେବେଳେ ବହୁ ଦିନ ପର୍ଯ୍ୟନ୍ତ ସେମାନଙ୍କ ତରଫରୁ ଆପତି ଅଭିଯୋଗ ଲାଗି ରହିଲା । ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ ଏବେ ମୁଁ କୁଫାର ଲୋକମାନଙ୍କ ନିକଟକୁ ଏପରି ଜଣେ ଗଭର୍ଣ୍ଣରଙ୍କୁ ପଠାଇବି ଯିଏ ସେମାନଙ୍କୁ ସିଧା କରିଦେବ । ସେହି ଗଭର୍ଣ୍ଣର ଜଣକ ଉଣେଇଶି ବର୍ଷର ଜଣେ ଯୁବକ ଥିଲା ଯାହାଙ୍କୁ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ ସିଧା କରିବା ପାଇଁ ପଠାଇଥିଲେ । ତାଙ୍କ ନାମ ଅବ୍‌ଦୁର୍ ରହ୍‌ମାନ୍

ବିନ୍ ଅବି ଲୈଲା ଥିଲା । ଯେତେବେଳେ କୁଫାର ଲୋକେ ଏହା ଜାଣିବାକୁ ପାଇଲେ ଯେ ଜଣେ ଉଣେଇଶି ବର୍ଷର ଯୁବକ ସେମାନଙ୍କର ଗଭର୍ଣ୍ଣର ହୋଇ ଆସୁଛନ୍ତି, ସେମାନେ କହିଲେ ଆସ ଆମେ ସମସ୍ତେ ମିଶି ତାଙ୍କୁ ଥଟ୍ଟା ପରିହାସ କରିବା । କୁଫାର ଲୋକମାନେ ବହୁତ ଦୁଷ୍ଟ ସ୍ୱଭାବର ଥିଲେ । ସେମାନେ ବଡ଼ ବଡ଼ ବୟସ୍କ ଲୋକମାନଙ୍କୁ, ଯେଉଁମାନେ ସତୁରୀ, ଅଶି ଏବଂ ନବେ ବର୍ଷର ଲୋକଥିଲେ, ଏକାଠି କଲେ ଏବଂ ଏ ଫଇସଲା କଲେ ଯେ ସେହି ସମସ୍ତ ବୁଢ଼ାମାନଙ୍କ ସହିତ ସହରର ସବୁ ଲୋକେ ମିଶି ଅବ୍‌ଦୁର୍ ରହ୍‌ମାନଙ୍କୁ ସ୍ୱାଗତ ଜଣାଇବା ପାଇଁ ଯିବେ ଏବଂ ଥଟ୍ଟା କରି ତାଙ୍କୁ ପଚାରିବେ ଯେ ଶ୍ରୀମାନ୍ ଆପଣଙ୍କର ବୟସ କେତେ ? ଯେତେବେଳେ ସେ ଉତର ଦେବେ ଆମେ ବହୁତ ହସମଜା କରିବା । ତାଙ୍କୁ ଥଟ୍ଟା ପରିହାସ କରିବା ଯେ ଏହି ବାଳକଜଣକ ଆମର ଗଭର୍ଣ୍ଣର ହୋଇ ଆସିଛି । ଅତଏବ ଏହି ଯୋଜନା ଅନୁସାରେ ସେମାନେ ସହରଠାରୁ ଦୁଇ ତିନି ମାଇଲ ଦୂରକୁ ସ୍ୱାଗତ ଜଣାଇବାକୁ ଆସିଲେ । ଏପଟେ ଗଧ ପିଠିରେ ବସି ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ଲୈଲା ପହଂଚିଲେ । କୁଫାର ଲୋକମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ ଓ ପ୍ରଥମ ଧାଡ଼ିରେ ବୁଢ଼ା ସର୍ଦ୍ଦାରମାନେ ଥିଲେ । ଯେବେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ଲୈଲା ପହଂଚିଲେ, ସେହି ଲୋକମାନେ ପଚାରିଲେ ଯେ କ'ଣ ଆପଣ ଆମର ଗଭର୍ଣ୍ଣର ହୋଇ ଆସିଛନ୍ତି ଓ କ'ଣ ଆପଣଙ୍କ ନାମ ଅବ୍‌ଦୁର୍ ରହ୍‌ମାନ୍ ? ସେ କହିଲେ ହଁ । ଏଥିରେ ଜଣେ ପୁରା ବୁଢ଼ା ଆଗକୁ ଆସି ପଚାରିଲେ ବାବୁ ତମ୍ଭର ବୟସ କେତେ ? ଅବ୍‌ଦୁର୍ ରହ୍‌ମାନ୍ କହିଲେ ମୋ ବୟସ ! ତୁମେ ମୋ ବୟସର ଆକଳନ ସେଥିରୁ କରିପାରିବ ଯେ ଯେବେ ରସୁଲେ୍ କରିମମ୍ ସ:ଆ:ସ ଉସାମା ବିନ୍ ଜୈଦ୍ ର:ଅଙ୍କୁ ଦଶହଜାର ସାହାବାମାନଙ୍କର ସର୍ଦ୍ଦାର କରି ପଠାଇଥିଲେଏ ସେଥିରେ ଅବୁବକର ର:ଅ ଓ ଉମର୍ ର:ଅ ମଧ୍ୟ ସାମିଲ ଥିଲେ । ସେତେବେଳେ ଉସାମା ବିନ୍ ଜୈଦ୍‌ଙ୍କ ବୟସ ଯେତେଥିଲା ମୋ ବୟସ ତା'ଠାରୁ ଏକ ବର୍ଷ ଅଧିକା । ଏହା ଶୁଣି ସେମାନେ ଥଣ୍ଡା ପଡ଼ିଗଲେ ଓ ଲଜ୍ଜିତ ହୋଇ ପଛକୁ ଚାଲିଗଲେ । ସେମାନେ ପରସ୍ପର ମଧ୍ୟରେ ଏହା କଥାବାର୍ତ୍ତା ହେଲେ ଯେ ଯେପର୍ଯ୍ୟନ୍ତ ଏହି ବାଳକ ଏଠାରେ ରହିବ ଖବରଦାର୍ ! ତୁମେ କିଛି କହିବ ନାହିଁ ନ ହେଲେ ସେ ଚୋପା ଛଡ଼େଇ ଦେବ । ସୁତରାଂ ସେ ସେଠାରେ ବହୁତ ଦିନ ପର୍ଯ୍ୟନ୍ତ ଶାସନ କଲେ ଏବଂ କୁଫାର ଲୋକମାନେ ତାଙ୍କ ସାମନାରେ କିଛି କହିପାରୁନଥିଲେ । ***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୩, ପୃ-୨୨୨-୨୨୩)***

ଏହାପରେ ହଜ୍‌ରତ୍ ଉମର୍ ର:ଅ କର ଆଦାୟ ବ୍ୟବସ୍ଥା ଆସିଥାଏ । ହଜ୍‌ରତ୍ ଉମର୍ ର:ଅ ଇରାକ୍ ଓ ସିରୀୟା ବିଜୟ ପ୍ରାପ୍ତ କରିବା ପରେ କର ବ୍ୟବସ୍ଥା ପ୍ରତି ଧ୍ୟାନ କେନ୍ଦ୍ରିତ କରିଥିଲେ । ଯେଉଁ ଜମିଗୁଡ଼ିକୁ ରାଜାମାନେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଜୋର ଜବରଦସ୍ତ ଉଚ୍ଛେଦ କରି ଦରବାରୀ ଅମୀରମାନଙ୍କୁ ଦେଇ ଦେଇଥିଲେ । ସେହି ଜମିଗୁଡ଼ିକୁ ସ୍ଥାନୀୟ ବାସିନ୍ଦାଙ୍କୁ ଫେରସ୍ତ କରିଦିଆଗଲା । ତତ୍‌ସହିତ ହଜ୍‌ରତ୍ ଉମର୍ ର:ଅ ଏ ନିର୍ଦ୍ଦେଶ ଜାରି କରିଲେ ଯେ ଆରବୀୟ ଲୋକମାନେ ଯେଉଁମାନେ ସାରା ଦେଶରେ ବ୍ୟାପିଯାଇଥିଲେ ସେମାନେ ଚାଷକାମ କରିବେ ନାହିଁ । ଏହାର ଲାଭ ଏହା ଥିଲା ଯେ ଚାଷବାସ କରିବାର ଅନୁଭବ ସ୍ଥାନୀୟ ଲୋକମାନଙ୍କୁ ଥିଲା । ଆରବୀୟମାନେ ଏହା ଜାଣିନଥିଲେ । ପ୍ରତ୍ୟେକ ଇଲାକାର ଚାଷକାର୍ଯ୍ୟର ଏକ ସ୍ଥାନୀୟ ପଦ୍ଧତି ରହିଛି । ତେଣୁ ଏ ନିର୍ଦ୍ଦେଶ ଥିଲା ଯେ ବାହାରୁ ଯେଉଁମାନେ ଆସିଛନ୍ତି, ସେମାନେ ଚାଷ କାମ କରିବେ ନାହିଁ ବରଂ ସ୍ଥାନୀୟ ଲୋକେ ଚାଷକାମ କରିବେ ।

ଖିରାଜ (ଅର୍ଥାତ କର) ପ୍ରଥମେ ଲୋକମାନଙ୍କଠାରୁ ଜୋର ଜବରଦସ୍ତି ବାଧ୍ୟ କରି ଆଦାୟ କରାଯାଉଥିଲା । ହଜ୍‌ରତ୍ ଉମର୍ ର:ଅ କର ବ୍ୟବସ୍ଥା ଲାଗୁ କରିବା ପରେ କର ଆଦାୟ କରିବାର ଶୈଳୀରେ ମଧ୍ୟ କୋହଳତା ଆଣିଥିଲେ । କର ଆଦାୟ ସମୟରେ ଜିମ୍ମି (ଇସ୍‌ଲାମୀୟ ରାଜ୍ୟରେ ବସବାସ କରୁଥିବା ଅଣମୁସଲିମ୍ ବ୍ୟକ୍ତିକୁ ଜିମ୍ମି ବୋଲି କହୁାଯାଏ) ପ୍ରଜାମାନେ, ଯେଉଁମାନେ ପାର୍ସି (ଅଗ୍ନିପୂଜକ) କିମ୍ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲେ, ସେମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରୁଥିଲେ ଏବଂ ସେମାନଙ୍କ ପରାମର୍ଶ ଏବଂ ପ୍ରସ୍ତାବ ଅନୁଯାୟୀ ହିଁ ନିଷ୍ପତି ଏବଂ କର ଆଦାୟ କରୁଥିଲେ । ***(ଅଲ୍‌ଫାରୁକ...... ପୃ-୧୯୮,୨୦୨, ୨୦୭-୨୦୮.....କରାଚି ୧୯୯୧)***

କୃଷିର ଉନ୍ନତି ଓ ବିକାଶ ପାଇଁ ହଜ୍‌ରତ୍ ଉମର୍ ର:ଅ ଅନାବାଦି ଜମିଗୁଡ଼ିକ ସମ୍ବନ୍ଧରେ ନିର୍ଦ୍ଦେଶ ଦେଲେ ଯେ ଯିଏ ଏହି ଜମିଗୁଡ଼ିକୁ ଆବାଦ୍ କରିବ ସେ ତାହାର ମାଲିକ ହେବ । ଏଥିପାଇଁ ତିନିବର୍ଷର ଅବଧି ନିର୍ଦ୍ଧାରଣ କରାଗଲା । କେନାଲ୍ ଖୋଳାଗଲା । ଜଳସେଚନ ବିଭାଗ ପ୍ରତିଷ୍ଠା କରାଗଲା ଯିଏ ପୋଖରୀ ଇତ୍ୟାଦି ପ୍ରସ୍ତୁତ କରିବାର କାମ ମଧ୍ୟ କରୁଥିଲା । ***(ଅଲ୍‌ଫାରୁକ...... ପୃ-୨୦୯-୨୧୦.....କରାଚି ୧୯୯୧)***

ଏହା ଦ୍ୱାରା କୃଷିକାର୍ଯ୍ୟ ଭଲ ହେବ । ଏହିପରି କିଛି କାର୍ଯ୍ୟ ପଦ୍ଧତି ଥିଲା ଯାହା ମୁଁ ଏଠାରେ ବର୍ଣ୍ଣନା କଲି ।

ହଜ୍‌ରତ୍ ଉମର୍ ର:ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ ଏକ ଏଲାନ୍ (ଘୋଷଣା) କରିବି ଏବଂ ତାହା ହେଉଛି ଏହା କି ଗୋଟିଏ ଅହେମଦୀୟା ଏନ୍‌ସାଇକ୍ଲୋପିଡ଼ିଆ ତିଆରି କରାଯାଇଅଛି, ତାହା ଆଜି ଲଂଚ କରାଯିବ । କେନ୍ଦ୍ରୀୟ ଅଭିଲେଖାଗାର ବିଭାଗ ଓ ଅନୁସନ୍ଧାନ ବିଭାଗ ଏହାକୁ ତିଆରି କରିଛି । ଏହି ୱେବ୍‌ସାଇଟ୍‌କୁ ଜମାତ୍‌ର ସଦସ୍ୟମାନଙ୍କ ପାଇଁ ଅନ୍‌ଲାଇନ୍ ଉପଲବ୍ଧ କରାଯାଉଅଛି । ସେଥିରେ ପ୍ରବେଶ www.ahmadipedia.org ମାଧ୍ୟରେ କରାଯାଇପାରିବ ଯେଉଁଠି ଗୋଟିଏ ସର୍ଚ୍ଚ ଇଞ୍ଜିନ୍ ଶୈଳୀରେ Homepageରେ ବିଷୟବସ୍ତୁଗୁଡ଼ିକୁ ଖୋଜିବା ପାଇଁ ଖୋଲିଯିବ । ଏହାକୁ ବହୁତ ସରଳ ଏବଂ ବ୍ୟବହାର କରିବା ପାଇଁ ସହଜ କରାଯାଇଅଛି । ପ୍ରତ୍ୟେକ ଇଂଟରଭ୍ୟୁ ସହିତ ସମ୍ବନ୍ଧିତ ୱେବସାଇଟ୍, ଭିଡ଼ିଓ ଏବଂ ଜମାତର ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଥିବା ବିଷୟବସ୍ତୁଗୁଡ଼ିକର ଲିଙ୍କ୍ ଉପଲବ୍ଧ କରାଯାଇଅଛି ଯଦ୍ୱାରା ସେହି ଉତ୍ସଗୁଡ଼ିକରୁ ବିସ୍ତୃତ ସୂଚନା ପ୍ରାପ୍ତ କରାଯାଇପାରିବ । ସବିଶେଷ ବିବରଣୀ ପାଇଁ ଦିଆଯାଇଥିବା ସେହି ଲିଙ୍କ୍‌ଗୁଡ଼ିକରୁ ଏ ଲାଭ ମଧ୍ୟ ମିଳିବ ଯେ ଜମାତ୍ ଅହେମଦୀୟାର ଅନ୍ୟ ୱେବସାଇଟଗୁଡ଼ିକ ପର୍ଯ୍ୟନ୍ତ ଉପଭୋକ୍ତାମାନେ ପ୍ରବେଶ କରିପାରିବେ ଫଳତ ସେମାନେ ସମସ୍ତ ଖବରକାଗଜ ଓ ପତ୍ରିକାଗୁଡ଼ିକରୁ ଲାଭ ଉଠାଇ ପାରିବେ । ସାରା ଦୁନିଆରେ ବ୍ୟାପି ଯାଇଥିବା ଜମାତ୍‌ର ଲୋକମାନଙ୍କ ନିକଟରେ ବହୁତ ଉପଯୋଗୀ ସୂଚନାମାନ ରହିଛି ଯାହା କୌଣସି ସ୍ଥାନରେ ରେକର୍ଡ଼ ହୋଇନାହିଁ । ଅହେମଦୀପିଡ଼ିଆର ୱେବ୍‌ସାଇଟ୍‌ରେ Contribute ନାମରେ ଗୋଟିଏ ଅପ୍‌ସନ୍ ମଧ୍ୟ ଦିଆଯାଇଅଛି ଯେଉଁଠି ସେମାନେ କୌଣସି ବିଷୟ ଉପରେ ନିଜର ସୂଚନା, ପ୍ରମାଣ କିମ୍ବା ଦଲିଲ୍ ଯୋଗାଇ ପାରିବେ । ଏପରି ନୁହେଁ କି ନିଜେ ତାହାକୁ ସିଧାସଳଖ ରଖିଦେବେ ବରଂ ସେଗୁଡ଼ିକୁ ସେ ଇନ୍‌ତେ ଜାମିଆ ଅର୍ଥାତ ପରିଚାଳକ ଓ ବ୍ୟବସ୍ଥାପକଙ୍କୁ ଯୋଗାଇ ଦେବେ । ଯୋଗାଇ ଦିଆଯାଇଥିବା ବିଷୟବସ୍ତୁ ଗୁଡ଼ିକର ଅନୁସନ୍ଧାନ ଓ ଯାଂଚ ପରେ ତାହାକୁ ସମ୍ବନ୍ଧିତ ବିଷୟବସ୍ତୁଗୁଡ଼ିକର ଏଂଟ୍ରିରେ ଅନ୍ତର୍ଭୁକ୍ତ କରିଦିଆଯିବ । ଏହିପରି ଏହି ୱେବସାଇଟ୍ ସମସ୍ତ ଜମାତ୍‌ର ସହଯୋଗରେ ଜାରି ରହିଥିବା ଏକ ପ୍ରକଳ୍ପ ହେବ ଏବଂ ଇନ୍‌ଶାଅଲ୍ଲାଃ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଲାଭଦାୟକ ହେବ । ଯଦି କାହାକୁ ଏହି ୱେବ୍‌ସାଇଟ୍‌ରେ ଚାହୁଁଥିବା ବିଷୟବସ୍ତୁ ନ ମିଳେ ତା'ହେଲେ ସେ ଅହେମଦୀପିଡ଼ିଆ ସହିତ ଯୋଗାଯୋଗ କରିପାରିବେ । ପୁଣି ଏମାନେ ୱେବ୍‌ସାଇଟ୍‌ରେ ଆବଶ୍ୟକ ବିଷୟବସ୍ତୁକୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ । ଯଦିଓ ଏହି ସମସ୍ତ ସୂଚନା ବିଶ୍ୱସନୀୟ ମାଧ୍ୟମ ଦ୍ୱାରା ଯୋଗାଇ ଦିଆଯାଇଅଛି । ଏହା ସତ୍ତ୍ୱେ ମଧ୍ୟ ଯଦି କୌଣସି ଉପଭୋକ୍ତାଙ୍କ ନିକଟରେ ଏପରି ତଥ୍ୟ ଥିବ ଯାହା କୌଣସି ସୂଚନାର ବିପରୀତ ଥିବ ତା'ହେଲେ ସେ ଆମକୁ ଏପରି ତଥ୍ୟ ଯୋଗାଇ ଦିଅନ୍ତୁ ଯଦ୍ୱାରା ଯାଂଚ ପଡ଼ତାଲ କରିବା ପରେ ଜମାତ୍‌ର ଇତିହାସକୁ ପ୍ରାମାଣିକ ଭାବରେ ସୁରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯାଇପାରିବ । ଏହି ୱେବ୍‌ସାଇଟକୁ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରୀୟ ଆଇ.ଟି ବିଭାଗ ସମସ୍ତ ଯାନ୍ତ୍ରିକ ପଦକ୍ଷେପ ବହୁତ ସୁନ୍ଦର ଓ ଉତମ ଭାବରେ ସମ୍ପାଦନ କରିଛନ୍ତି ଏବଂ ଆଇ.ଟି ବିଭାଗ ଏଥି ସକାଶେ ବହୁତ ପରିଶ୍ରମ କରିଛି । ସେଥିରେ ତାଙ୍କର ସ୍ଥାୟୀ କର୍ମୀମାନଙ୍କ ବ୍ୟତୀତ ସ୍ୱେଚ୍ଛାସେବୀମାନେ ମଧ୍ୟ ସାମିଲ ହୋଇଛନ୍ତି । ବିଷୟବସ୍ତୁଗୁଡ଼ିକର ପ୍ରସ୍ତୁତି ନିମନ୍ତେ କେନ୍ଦ୍ରୀୟ ଅଭିଲେଖାଗାର ବିଭାଗର ମୂରବୀମାନେ ବହୁତ ପରିଶ୍ରମ କରିଛନ୍ତି । ଏହି ୱେବ୍‌ସାଇଟର ପ୍ରସ୍ତୁତି ନିମନ୍ତେ ଯେଉଁମାନେ କାମ କରିଛନ୍ତି ଅଲ୍ଲାଃ ତାଲା ସେ ସମସ୍ତଙ୍କୁ ଏହାର ପୂଣ୍ୟ ଫଳ ପ୍ରଦାନ କରନ୍ତୁ । ଯୁମା ନମାଜ ପରେ ଆଜି ଇନ୍‌ଶାଅଲ୍ଲାଃ ମୁଁ ତାହାର ଲଂଚ କରିବି ।''

ଯୁମା ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ତାହାକୁ ଲଂଚ କଲେ ଏବଂ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଅହେମଦୀମାନେ ଏମ୍.ଟି.ଏର ସିଧାପ୍ରସାରଣ ଜରିଆରେ ନୀରବ ପ୍ରାର୍ଥନାରେ ସାମିଲ ହେଲେ । ପ୍ରାର୍ଥନା କରୁଅଛୁ ଯେ ଅଲ୍ଲାଃ ତାଲା ଏହି ନୂଆ ୱେବ୍‌ସାଇଟ୍‌ର ଶୁଭାରମ୍ଭକୁ ଜମାତ୍ ନିମନ୍ତେ ପ୍ରତିକ୍ଷେତ୍ରରୁ ବାବର୍‌କତ୍ (ମଙ୍ଗଳମୟ) କରନ୍ତୁ । ଆମିନ୍ (କାର୍ଯ୍ୟାଳୟ)

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

✲ ମୋକରମ୍ ଆବିଦ୍ ୱହିଦ୍ ଖାନ୍ ସାହେବ୍ (ଇନ୍‌ଚାର୍ଜ ପ୍ରେସ୍ ଏଣ୍ଡ ମିଡ଼ିଆ, ଲଣ୍ଡନ ଅଫିସ୍)

✲ ମୋକରମ୍ ହମାଦ୍ ମୁବୀନ୍ ସାହେବ୍, ମୁରବୀ ସିଲ୍‌ସିଲା (ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ)

✲ ମୋକରମ୍ ସୟଦ୍ ମୁହମ୍ମଦ୍ ଅହ୍‌ମଦ୍ ନାସିର୍ ସାହେବ୍ (ନାଏବ୍ ଅଫିସ୍‌ର ବିଶେଷ ସୁରକ୍ଷା/ସିକ୍ୟୁରିଟି ଟିମ୍ ଲଣ୍ଡନ)

✲ ମୋକରମ୍ ନାସିର୍ ଅହ୍‌ମଦ୍ ସଇଦ୍ ସାହେବ୍ (ସୁରକ୍ଷା ବିଭାଗ)

✲ ମୋକରମ୍ ସଖାୱ୍‌ତ୍ ଅଲୀ ବାଜୱା ସାହେବ୍ (ସୁରକ୍ଷା ବିଭାଗ)

✲ ମୋକରମ୍ ଖ୍ୱାଜା କୁଦ୍ଦୁସଦ୍ ସାହେବ୍ (ସୁରକ୍ଷା ବିଭାଗ)

✲ ମୋକରମ୍ ମହ୍‌ମୁଦ୍ ଅହ୍‌ମଦ୍ ଖାନ୍ ସାହେବ୍ (ସୁରକ୍ଷା ବିଭାଗ)

✲ ମୋକରମ୍ ମିର୍ଜା ଲଇକ୍ ଅହ୍‌ମଦ୍ ସାହେବ୍ (ସୁରକ୍ଷା ବିଭାଗ)

✲ ମୋକରମ୍ ଇବ୍ରାହିମ୍ ମୁନୀବ ଅହ୍‌ମଦ୍ ମଲହି ସାହେବ୍ (ସୁରକ୍ଷା ବିଭାଗ) ଏବଂ ମୁଁ ଅଧମ ଅବ୍‌ଦୁଲ୍ ମାଜିବ୍ ତାହିର୍ (ଏଡ଼ିଶନଲ୍ ୱକିଲୁଲ୍ ତବ୍‌ଶୀର୍ ଲଣ୍ଡନ)

ଏତଦ୍ ବ୍ୟତିତ ମୋକରମ୍ ନଦୀମ୍ ଅହ୍‌ମଦ୍ ଅମିନି ସାହେବ୍, ମୋକରମ୍ ମୁହମ୍ମଦ ଅହ୍‌ମଦ୍ ସାହେବ୍, ମୋକରମ୍ ଅବ୍‌ଦୁର୍ ରହ୍‌ମାନ୍ ସାହେବ୍, ଏବଂ ମୋକରମ୍ ରାଣା ମକ୍‌ସୁଦ୍ ଅହ୍‌ମଦ୍ ସାହେବଙ୍କୁ ଏହି କାଫିଲାର ଗାଡ଼ିଗୁଡ଼ିକୁ ଚଳାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଲା ।

ଏମ୍‌ଟିଏ ଇଂଟରନ୍ୟାସନାଲ୍ (ୟୁ.କେ) ର ନିମ୍ନ ଲିଖିତ ସଦସ୍ୟମାନେ ଏହି ଗସ୍ତର ସମସ୍ତ ଖୁତ୍‌ବା ଜୁମା, ହଲାଣ୍ଡ ଏବଂ ଫ୍ରାନ୍ସର ଜଲ୍‌ସା ସାଲାନାଗୁଡ଼ିକ, ହଜୁର ଅନୱ୍ୱର ଅ:ବ:ଅଙ୍କ ଇଂଟରଭ୍ୟୁ ଏବଂ ପ୍ରେସ୍ କନ୍‌ଫରେନ୍ସଗୁଡ଼ିକ, ମସ୍‌ଜିଦ୍ ଗୁଡ଼ିକର ଉଦ୍‌ଘାଟନ ଏବଂ Receptions ର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅନ୍ୟ ସମସ୍ତ ପ୍ରୋଗ୍ରାମଗୁଡ଼ିକର ରେକର୍ଡ଼ିଂ ଓ Live Transmission ନିମନ୍ତେ ଏହି ଗସ୍ତରେ ସାମିଲ ହୋଇଥିଲେ । ମୋକରମ୍ ମୁନୀର୍ ଅହ୍‌ମଦ୍ ଅଓଦାଃ ସାହେବ୍, ମୋକରମ୍ ଖ୍ୱାଜା ସୁଫିରୁଦ୍ଦିନ୍ କମର୍ ସାହେବ୍, ମୋକରମ୍ ଅଦ୍‌ନାନ୍ ଜାହିଦ୍ ସାହେବ୍, ମୋକରମ୍ ଅବ୍‌ରାର୍ ବେଗ୍ ସାହେବ୍, ମୋକରମ୍ ଜକିଉଲ୍ଲାଃ ସାହେବ୍ ଏବଂ ମୋକରମ୍ କମର୍ ଅହ୍‌ମଦ୍ ଜଫର୍ ସାହେବ ।

ଏମ୍.ଟି.ଏ ଟିମ୍ ବ୍ୟତୀତ ମଖଜନେ ତସାୱିର୍ (ପ୍ରତିଛବି ସଂଗ୍ରହାଳୟ) ବିଭାଗରୁ ମୋକରମ୍ ଗଦୀର୍ ଅହ୍‌ମଦ୍ ମଧ୍ୟ ଏହି ଗସ୍ତରେ ସାମିଲ ହେବାର ସୌଭାଗ୍ୟ ପାଇଥିଲେ । ଗସ୍ତର କଭରେଜ୍ ପାଇଁ ରିଭ୍ୟୁ ଅଫ୍ ରିଲିଜିଅନ୍ସ, ଅଲ୍‌ହକମ୍ ଏବଂ ତିନିଦିନିଆ ଖବରକାଗଜ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ଟିମ୍‌କୁ ମଧ୍ୟ କାମ କରିବାର ସୌଭାଗ୍ୟ ମିଳିଛି । ଜର୍ମାନୀରୁ ମୋକରମ୍ ଅବ୍‌ଦୁଲ୍ଲାଃ ସପରାଆ ସାହେବଙ୍କୁ ମଧ୍ୟ ଏହି ଗସ୍ତରେ/ଯାତ୍ରାରେ କାଫିଲା ସହିତ ରହିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଅଲ୍ଲାଃ ତାଲା ଏହି ସମସ୍ତ ବନ୍ଧୁମାନଙ୍କୁ ଏହି ସୌଭାଗ୍ୟ ମୋବାରକ୍ (ମଙ୍ଗଳମୟ) କରନ୍ତୁ । ଆମିନ୍ ***(ବହୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଦୁ ୨୩ ଏପ୍ରିଲ୍ ୨୦୨୦)***

⌘⌘⌘⌘⌘⌘⌘⌘⌘⌘

**ପୁରୁଷ Well Dressed ସେତେବେଳେ ବୋଲାଇଥାଏ ଯେବେ ସେ କୋର୍ଟ ପ୍ୟାଂଟ ପିନ୍ଧିଥିବ ଓ ଟାଇ ଲଗାଇଥିବ ଏବଂ ମହିଳାମାନଙ୍କୁ କୁହାଯାଉଛି ଯେ ତୁମେ Well Dressed ସେତେବେଳେ ହେବ ଯେବେ ତୁମେ ମିନି ସ୍କର୍ଟ ପିନ୍ଧିଥିବ, ମୁଁ ଏହି ଦର୍ଶନକୁ ବୁଝିପାରୁନାହିଁ ।**

**ଯେଉଁ ମହିଳାମାନେ ନିଜକୁ ପ୍ରଦର୍ଶନ କରାଉଛନ୍ତି, ସେମାନେ ନିଜର ଅସମ୍ମାନ ନିଜେ କରୁଛନ୍ତି । ଅହେମଦୀ ଝିଅ ଓ ଅହେମଦୀ ମହିଳାମାନଙ୍କ ସମ୍ମାନ ଏଥିରେ ଅଛି ଯେ ସେମାନେ ନିଜର ଲଜ୍ଜାକୁ ପ୍ରତିଷ୍ଠା କରନ୍ତୁ କାରଣ ଅସଲ ଜିନିଷ ହେଉଛି ହୟା (ଅର୍ଥାତ ଲଜ୍ଜା) ଏବଂ ଏହି ଲଜ୍ଜାଶୀଳତା ଯୋଗୁଁ ଅନ୍ୟମାନଙ୍କର କୁଦୃଷ୍ଟି ତୁମ ଉପରେ ପଡ଼ିନଥାଏ ।**

**ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଆଲା ବେନସ୍‌ରିହିଲ୍ ଅଜିଜ୍‌ଙ୍କୁ ପଚରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକର ଅନ୍ତଦୃଷ୍ଟିସମ୍ପନ୍ନ ଓ ବିଶ୍ୱାସ ବର୍ଦ୍ଧକ ଉତର ।**

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

(ପ୍ରଥମ ଭାଗ)

ପ୍ରଶ୍ନ- ମହିଳମାନଙ୍କ ବିଶେଷ ଦିନ ଗୁଡ଼ିକରେ ପବିତ୍ର କୁର୍‌ଆନ୍ ହାତରେ ଧରିବା, ପାଠ କରିବା ସେହିପରି କମ୍ପ୍ୟୁଟର ତଥା ଆଇପ୍ୟାଡ୍ ଇତ୍ୟାଦି ସାଧନ ଜରିଆରେ ପବିତ୍ର କୁର୍‌ଆନ୍ ତିଲାଓ୍ୱତ (ଆବୃତି) କରିବା ସମ୍ବନ୍ଧରେ ଜଣେ ବ୍ୟକ୍ତି ବିଭିନ୍ନ ଓ୍ୱଲେମା ଏବଂ ଫୋକହାଆ (ଅର୍ଥାତ ଧର୍ମଜ୍ଞାନୀ)ମାନଙ୍କ ସନ୍ଦର୍ଭ ଉପରେ ଆଧାରିତ ଗୋଟିଏ ଅଧ୍ୟୟନ ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ଉପସ୍ଥାପନ କରି ଏହି ପ୍ରସଙ୍ଗରେ ମାର୍ଗଦର୍ଶନ ଚାହିଁଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ତା ୦୫.୧୦.୨୦୧୮ ରିଖରେ ନିମ୍ନଲିଖିତ ଉତର ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଉତର:- ଏ ପ୍ରସଙ୍ଗରେ ଓ୍ୱଲେମା ଓ ଫୋକହାଆମାନଙ୍କ ମଧ୍ୟରେ ମତାନ୍ତର ରହିଛି ଏବଂ ଧାର୍ମିକ ମାର୍ଗଦର୍ଶକମାନେ ମଧ୍ୟ ନିଜ ନିଜର କୁର୍‌ଆନୀୟ ବୁଝାମଣା ମୁତାବକ ଏ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଛନ୍ତି ।

ପବିତ୍ର କୁର୍‌ଆନ୍, ନବୀ ସ:ଆ:ସଙ୍କ ହଦିସ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏ ସମ୍ବନ୍ଧରେ ମୋର ମତ ହେଉଛି ଏହା କି ରତୁସ୍ରାବ ସମୟରେ ମହିଳାମାନେ ପବିତ୍ର କୁର୍‌ଆନ୍‌ର ଯେଉଁ ଅଂଶକୁ ମନେରଖିଛନ୍ତି, ତାହା ସେମାନେ ହୃଦୟ ମଧ୍ୟରେ ଆବୃତି କରିପାରିବେ । ଆବଶ୍ୟକ ପଡ଼ିଲେ କୌଣସି ପରିସ୍କାର/ସଫା କପଡ଼ାରେ ପବିତ୍ର କୁର୍‌ଆନ୍‌କୁ ଧରି ବି ପାରିବେ ଏବଂ କାହାକୁ ସେଥିରୁ କିଛି ହଓ୍ୱାଲା (Reference) ଇତ୍ୟାଦି ବତାଇବା ପାଇଁ ତଥା ପିଲାମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇବା ପାଇଁ ପବିତ୍ର କୁର୍‌ଆନ୍‌ର କୌଣସି ଅଂଶକୁ ପାଠ କରିପାରିବେ କିନ୍ତୁ ନିୟମିତ ତିଲାଓ୍ୱତ (ଆବୃତି) କରିପାରିବେ ନାହିଁ ।

ସେହିପରି ଏହି ଦିନମାନଙ୍କରେ କମ୍ପ୍ୟୁଟର ଇତ୍ୟାଦି ସାଧନ ଯେଉଁଥିରେ ମହିଳାମାନଙ୍କୁ ପ୍ରକାଶଞ୍ଚରେ ପବିତ୍ର କୁର୍‌ଆନ୍ ଧରିବାକୁ ପଡ଼ିନଥାଏ, ସେଥିରେ ନିୟମିତ ତିଲାଓ୍ୱତ୍ କରିବା ପାଇଁ ଅନୁମତି ତ' ନାହିଁ କିନ୍ତୁ କୌଣସି ଜିନିଷ ଖୋଜାପଡ଼ିଲେ ଉଦାହରଣ ସ୍ୱରୁପ ହଓ୍ୱାଲା ଖୋଜିବା ପାଇଁ ବା କାହାକୁ କୌଣସି ହଓ୍ୱାଲା ଦେଖାଇବା ପାଇଁ କମ୍ପ୍ୟୁଟର ଇତ୍ୟାଦିରେ ପବିତ୍ର କୁର୍‌ଆନ୍‌ରୁ ଲାଭ ଉଠାଇ ପାରିବେ । ଏଥିରେ କୌଣସି ଅସୁବିଧା ନାହିଁ ।

ପ୍ରଶ୍ନ- ଜଣେ ମହିଳା ଏହି ବିଶେଷ ଦିନଗୁଡ଼ିକର ଅର୍ଥାତ ରତୁସ୍ରାବ ସମୟରେ, ମହିଳାମାନଙ୍କୁ ମସ୍‌ଜିଦ୍ ଆସିବା ପ୍ରସଙ୍ଗରେ ବିଭିନ୍ନ ହଦିସ୍ ଉଲ୍ଲେଖ କରିବା ସହିତ ବର୍ତମାନ ଯୁଗରେ ମହିଳାମାନଙ୍କୁ ସେହି ଦିନଗୁଡ଼ିକରେ ନିଜର ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ପାଇଁ ଆଧୁନିକ ଉପକରଣ ଉପଲବ୍ଧ ହେବା ଉପରେ ଆଧାରିତ ଗୋଟିଏ ନୋଟ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ଉପସ୍ଥାପନ କରି ମସ୍‌ଜିଦ୍‌ରେ ଅନୁଷ୍ଠିତ ହେଉଥିବା ମିଟିଂ ଏବଂ ସମାବେଶ ଇତ୍ୟାଦିରେ ଏପରି ମହିଳାମାନଙ୍କୁ ମସ୍‌ଜିଦ୍‌କୁ ଆସିବା ଇତ୍ୟାଦି ପ୍ରସଙ୍ଗରେ ମାର୍ଗଦର୍ଶନ ଚାହିଁଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ତା ୧୪.୦୫.୨୦୨୦ରିଖରେ ନିମ୍ନଲିଖିତ ଉତର ପ୍ରଦାନ କଲେ ।

ଉତର:- ରତୁସ୍ରାବ ହେଉଥିବା ମହିଳାମାନଙ୍କୁ ମସ୍‌ଜିଦ୍‌ରୁ କୌଣସି ଜିନିଷ ଆଣିବା, ମସ୍‌ଜିଦ୍‌ରେ ଛାଡ଼ ଆସିବା ତଥା ମସ୍‌ଜିଦ୍‌ରେ ଯାଇ ବସିବା ସମ୍ବନ୍ଧରେ ପୃଥକ ପୃଥକ ନିର୍ଦ୍ଦେଶାବଳୀଗୁଡ଼ିକ ହଜୁର ସ:ଆ:ସ ବହୁତ ବିସ୍ତୃତ ଭାବରେ ଆମକୁ ବୁଝାଇ ଦେଇଛନ୍ତି । ଅତଏବ ଆପଣ ଯେପରି ନିଜ ଚିଠିରେ ଏକଥା ଲେଖିଛନ୍ତି ଯେ ହଜୁର ସ:ଆ:ସ ନିଜ ପତ୍ନୀମାନଙ୍କୁ ଏହିପରି ରତୁସ୍ରାବ ଅବସ୍ଥାରେ ମସ୍‌ଜିଦ୍‌ରେ ଚଟେଇ ଇତ୍ୟାଦି ଜିନିଷ ବିଛାଇବା ପାଇଁ ମସ୍‌ଜିଦ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉଥିଲେ କିନ୍ତୁ ଯେଉଁଠି ଏପରି ଅବସ୍ଥାରେ ଯାଇ ମସ୍‌ଜିଦ୍ ଭିତରେ ବସିବା କଥା ଉଠୁଛି, ଏ ସମ୍ବନ୍ଧରେ ମଧ୍ୟ ହଜୁର ସ:ଆ:ସଙ୍କ ନିଷେଧାଜ୍ଞା ବହୁତ ସ୍ୱଷ୍ଟ ଭାବରେ ହଦିସ୍‌ମାନଙ୍କରେ ଉଲ୍ଲେଖ ରହିଛି । ସୁତରାଂ ହଜୁର ସ:ଆ:ସ ଦୁଇଟି ଯାକ ଇଦ୍ ସମୟରେ କୁଆଁରୀ ଯୁବତୀ ଓ ପରଦାଧାରୀ ମହିଳାମାନେ ଏବଂ ମାସିକ ଧର୍ମରେ ପିଡ଼ିତା ମହିଳାମାନେ ସମସ୍ତଙ୍କୁ ଇଦ୍ ନମାଜ ପଢ଼ିବାକୁ ଯିବା ପାଇଁ ତାଗିଦ୍ କରାଯାଇଅଛି । ଏମିତି କି ଯେଉଁ ମହିଳାମାନଙ୍କ ନିକଟରେ ଓଢ଼ଣୀ ନାହିଁ, ସେମାନଙ୍କୁ ବି ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ନିଜର କୌଣସି ଭଉଣୀଙ୍କଠାରୁ ଉଧାର ଆକାରରେ ମାଗି ନେଇଯାଉ ।

କିନ୍ତୁ ତତ୍‌ସିହତ ମାସିକ ଧର୍ମ ହେଉଥିବା ମହିଳାମାନଙ୍କ ପାଇଁ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ନମାଜ ପଢ଼ାଯାଉଥିବା ସ୍ଥାନରୁ ଦୁରେଇ ରହି ଦୁଆ (ନୀରବ ପ୍ରାର୍ଥନା)ରେ ସାମିଲ ହୁଅନ୍ତୁ ।

ସେହିଭଳି ହୁଜ୍ଜତୁଲ୍ ଓ୍ୱିଦାଆ ଅବସରରେ ଯେତେବେଳେ ହଜ୍ ପୂର୍ବରୁ ଅନ୍ୟ ମୁସଲମାନମାନେ ଉମ୍‌ରାଃ କରୁଥିଲେ ସେତେବେଳେ ହଜ୍‌ରତ୍ ଆଇଶା ର:ଅ ନିଜର ବିଶେଷ ଦିନ ଦେଇ ଗତି କରୁଥିଲେ । ତେଣୁ ହଜୁର ସ:ଆ:ସ ତାଙ୍କୁ ଉମ୍‌ରାଃ କରିବା ପାଇଁ ଅନୁମତି ଦେଲେନାହିଁ । କାରଣ ତଓ୍ୱାଫ୍ (ଖାନାକାବାର ପରିକ୍ରମଣ) କରିବା ପାଇଁ ମସ୍‌ଜିଦ୍‌ରେ ଅଧିକ ସମୟ ରହିବାକୁ ପଡ଼ିଥାଏ । ପୁଣି ଯେତେବେଳେ ସେ (ହଜ୍‌ରତ୍ ଆଇଶା ର:ଅ) ଏହି ବିଶେଷ ଦିନଗୁଡ଼ିକରୁ ମୁକ୍ତି ପାଇଲେ ସେତେବେଳେ ହଜ୍ ପରେ ତାଙ୍କୁ ଅଲଗା ଉମ୍‌ରାଃ କରିବା ନିମନ୍ତେ ପଠାଇଲେ ।

ସୁତରାଂ ହଦିସ୍‌ଗୁଡ଼ିକରେ ଏତେ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରାଯିବା ପରେ ଆମେ ଆମର ମନୋବାଞ୍ଛାକୁ ପୂରଣ କରିବାପାଇଁ ନୂଆ ନୂଆ ମାର୍ଗ ଖୋଜିବାର କୌଣସି କାରଣ ରହୁନାହିଁ ।

ଯେଉଁଠି ଏକଥା ଉଠୁଛି ଯେ ପୂର୍ବ ଯୁଗରେ ମହିଳାମାନଙ୍କୁ ନିଜର ସ୍ୱଚ୍ଛତା ନିମନ୍ତେ ଏତେ ସବୁ ଉପକରଣ ଓ ସାଧନ ଉପଲବ୍ଧ ନଥିଲା ଯାହା ଏବେ ଅଛି । ହଁ ଏକଥା ତ ଠିକ୍ ଯେ ଏମିତି ଆଧୁନିକ ଉପକରଣ ସେତେବେଳେ ଉପଲବ୍ଧ ନଥିଲା । କିନ୍ତୁ ଏହାର ଅର୍ଥ କଦାପି ଏହା ନୁହେଁ ଯେ ସେମାନେ ନିଜର ସ୍ୱଚ୍ଛତା ଓ ସଫାଇର ଧ୍ୟାନ ହିଁ ରଖୁନଥିଲେ ଓ ସେମାନଙ୍କ ମାସିକ ଧର୍ମର ରକ୍ତ ଏଣେତେଣେ ପଡୁଥିଲା । ନୁହେଁ । ମଣିଷ ତ' ପ୍ରତ୍ୟେକ ଯୁଗରେ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ସର୍ବୋତମ ପନ୍ଥାକୁ ହାସଲ କରିବା ପାଇଁ ଚେଷ୍ଟା କରିଆସିଛି । ଅତଏବ୍ ପୂର୍ବ ଯୁଗରେ ବି ମହିଳାମାନେ ନିଜର ସ୍ୱଚ୍ଛତା ପ୍ରତି ଯତ୍ନବାନ ଥିଲେ ଓ ଉତମ ପନ୍ଥା ଅବଲମ୍ବନ କରୁଥିଲେ ।

ପୁଣି ଏବେକାର ନୂଆ ଓ ଆଧୁନିକ ଯୁଗରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଯେଉଁ ଉପକରଣ ବ୍ୟବହାର କରାଯାଉଅଛି ସେ ସବୁରେ ବି ତ୍ରୁଟି ରହିଛି । ଏପରି ମହିଳା, ଯାହାଙ୍କୁ ବହୁତ ରକ୍ତସ୍ରାବ ହୋଇଥାଏ, ବେଳେବେଳେ ସେମାନଙ୍କର ପ୍ୟାଡ୍ (Pad) ଲିକ୍ ହୋଇଯିବା ଯୋଗୁଁ ବସ୍ତ୍ର ଖରାପ ହୋଇଯାଇଥାଏ ।

ସୁତରାଂ ଇସ୍‌ଲାମୀୟ ଶିକ୍ଷା ପ୍ରତ୍ୟେକ ଯୁଗ ପାଇଁ ସ୍ଥାୟୀ ଓ ସମାନ ରହିଛି । ସେହି ଶିକ୍ଷା ପ୍ରତ୍ୟେକ ଯୁଗରେ ସେହିଭଳି ଉପଯୋଗୀ ହେବ ଯେଉଁ ଭଳି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଯୁଗରେ ତା' ଉପରେ ପରିଚାଳିତ ହେଉଥିଲା ।

ଯଦି କେଉଁଠି ଅସୁବିଧା ଅଛି, ନମାଜ ପଢ଼ିବାକୁ ଥିବା କୋଠରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନ ନାହିଁ, ତା'ହେଲେ ସେହି କୋଠରୀର ଶେଷ ଭାଗରେ କବାଟ ନିକଟରେ ଏପରି ଏକ ସ୍ଥାନ ସଂରକ୍ଷଣ କରାଯାଇପାରିବ ଯେଉଁ ସ୍ଥାନରେ ନମାଜ ପଢ଼ାନଯିବ ଏବଂ ଏହିପରି ମହିଳାମାନଙ୍କ ନିମନ୍ତେ ଚଉକି ପକାଇ ବସିବାର ବ୍ୟବସ୍ଥା କରାଯିବ ଉଚିତ ଯଦ୍ୱାରା ନମାଜ ପଢ଼ିବା ସ୍ଥାନ ଅପରିସ୍କାର ହେବାର ମାମୁଲି ଭାବେର ମଧ୍ୟ ଶଙ୍କା ରହିବ ନାହିଁ ।

ଯେଉଁଠି ଅଣ ମୁସଲମମାନ ମହିଳାମାନଙ୍କର ମସ୍‌ଜିଦ୍‌କୁ ଭିଜିଟ୍ (Visit) କରିବାର କଥା ଉଠିଥାଏ ଏପରି ପରିପ୍ରେକ୍ଷୀରେ ପ୍ରଥମତଃ ସେମାନଙ୍କୁ ଭିଜିଟ୍ କରିବା ସମୟରେ ମସ୍‌ଜିଦ୍ ଭିତରେ ବସିବାକୁ ଦିଆଯାଉ ନାହିଁ ବରଂ କେବଳ ମସ୍‌ଜିଦ୍‌ର ପରିଦର୍ଶନ କରିବାକୁ ଅନୁମତି ଦିଆଯାଉଅଛି । ଏହି ପରିଦର୍ଶନ ସମୟ କେବଳ ଏତିକି ହୋଇଥାଏ ଯେତିକି ସମୟ ଭିତରେ ଜଣେ ମସ୍‌ଜିଦ୍ ଭିତରେ ଚଟେଇ ବିଛାଇଥାଏ ବା ଚଟାଇକୁ ଉଠାଇ ଆଣିଥାଏ । କିନ୍ତୁ ଯଦି ତାଙ୍କୁ ମସ୍‌ଜିଦ୍ ଭିତରେ ବସାଇବାକୁ ଆବଶ୍ୟକ ହୁଏ, ତେବେ ତଳେ ନମାଜ ପଢ଼ିବା ପାଇଁ ବିଛାଯାଇଥିବା ଚଟାଇ ଉପରେ ବସାଇବା ପରିବର୍ତେ ମସ୍‌ଜିଦ୍‌ର ଶେଷ ଭାଗର କୌଣସି ଏକ ସ୍ଥାନରେ ଚଉକି ଉପରେ ବସାନ୍ତୁ ।

ପ୍ରଶ୍ନ- ଜଣେ ବନ୍ଧୁ ଏହା ଜାଣିବାକୁ ଚାହିଁଲେ ଯେ, ହଦିସ୍‌ର ଦାର କୁତ୍‌ନୀ ପୁସ୍ତକରେ ଗୋଟିଏ ହଦିସ୍ ଅଛି ଯେ ହଜୁର ସ:ଆ:ସଦ୍ ନମାଜ ପରେ କହିଛନ୍ତି ଯେ ଆମେ ଖୁତ୍‌ବା ଦେବୁ । ଏହାକୁ ଶୁଣିବା ପାଇଁ ଯିଏ ଚାହୁଁଛି ସେ ବସି ରହୁ ଏବଂ ଯିଏ ଯିବାକୁ ଚାହୁଁଛି ସେ ଚାଲିଯାଉ, କ'ଣ ଏହି ହଦିସ୍ ସଠିକ୍ ଅଛି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ତା ୨୦.୧୦.୨୦୨୦ ରେ ନିମ୍ନଲିଖିତ ଉତର ପ୍ରଦାନ କଲେ ।

ଉତର:- ଇଦ୍ ଖୁତ୍‌ବା ଶୁଣିବା ତଥା ନ ଶୁଣିବା ପାଇଁ ଯେଉଁ ହଦିସ୍ ଆପଣ ଦାର୍ କୁତ୍‌ନିର ହଓ୍ୱାଲା ଦେଇ ନିଜ ଚିଠିରେ ଲେଖିଛନ୍ତି ସେ ସମ୍ବନ୍ଧରେ ସୁନକେ ଅବି ଦାଉଦ୍‌ରେ ମଧ୍ୟ ରିଓ୍ୱାୟତ୍ ରହିଛି ।

ଏକଥା ଠିକ୍ ଯେ ହଜୁର ସ:ଆ:ସ ଇଦ୍ ଖୁତ୍‌ବା ଶୁଣିବାକୁ ଏତେ ତାଗିଦ୍ କରିନାହାନ୍ତି ଯେତେ ଖୁତ୍‌ବା ଯୁମାକୁ ନୀରବରେ ଶୁଣିବା ପାଇଁ ତାଗିଦ୍ କରିଛନ୍ତି । ଏହି ଆଧାରରେ ଓ୍ୱଲେମା ଓ ଫୋକହାଆମାନେ ଖୁତ୍‌ବା ଇଦ୍‌କୁ ସୁନ୍ନତ ଏବଂ ମୁସ୍‌ତହିବ୍ (ଅର୍ଥାତ ସୁନ୍ଦର କାର୍ଯ୍ୟପନ୍ଥା) ଅଭିହିତ କରିଛନ୍ତି ।

କିନ୍ତୁ ତା' ସହିତ ଏହା ବି ମନେରଖିବା ଉଚିତ ଯେ ହଜୁର ସ:ଆ:ସ ଇଦ୍ ପାଇଁ ଯିବାକୁ ଏବଂ ମୁସଲମାନମାନଙ୍କ ସହିତ ଦୁଆରେ ସାମିଲ ହେବାକୁ ପୂଣ୍ୟ ଏବଂ ଆଶିର୍ବାଦ ପ୍ରାପ୍ତ ହେବାର କାରଣ ଅଭିହିତ କରିଛନ୍ତି ଏବଂ ଏହାକୁ ଏତେମାତ୍ରାରେ ତାଗିଦ୍ କରିଛନ୍ତି ଯେ ଏପରି ମହିଳା ଯାହାଙ୍କ ନିକଟରେ ଘୋଡ଼ିବା ପାଇଁ ଚାଦର/ଓଢ଼ଣୀ ନାହିଁ, ସେ ମଧ୍ୟ କୌଣସି ଭଉଣୀଙ୍କଠାରୁ ଓଢ଼ଣୀ ଉଧାର ଆକାରରେ ମାଗି ନେଇ ଇଦ୍ ପାଇଁ ଯାଉ ।

ମାସିକ ଧର୍ମ ଥିବା ମହିଳାମାନଙ୍କୁ ମଧ୍ୟ ଈଦ୍‌କୁ ଯିବା ପାଇଁ ସେହି ଆଦେଶ ସହିତ ଏ ତାଗିଦ୍ କରିଛନ୍ତି ଯେ ସେ ନମାଜ ପାଠ କରାଯାଉଥିବା ସ୍ଥାନରୁ ଦୁରେଇ ରହି ଦୁଆ (ନୀରବ ପ୍ରାର୍ଥନା)ରେ ସାମିଲ ହୁଅନ୍ତୁ ।

ପ୍ରଶ୍ନ:- ଜଣେ ମହିଳା ପବିତ୍ର ରମ୍‌ଜାନ୍ ମାସରେ ଏତେକାଫ୍ ବସିବା ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ଯେ କ'ଣ ଏହି ଏତେକାଫ୍ ତିନିଦିନ ହୋଇପାରିବ? ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ୦୯.୦୮.୨୦୧୫ରେ ଏହି ସମସ୍ୟାର ସମାଧାନ ନିମ୍ନଲିଖିତ ଉତର ପ୍ରଦାନ କରି ଦେଲେ ।

ଉତର:- ରମ୍‌ଜାନ୍ ମାସରେ ଏତେକାଫ୍ ବସିବାର ଯେଉଁଠି କଥା ଉଠୁଛି ତାହା ତ' ପବିତ୍ର କୁର୍‌ଆନ୍ ଏବଂ ହଦିସ୍‌ରୁ ପ୍ରମାଣିତ । ଘରେ ଏବଂ ତିନିଦିନ ପାଇଁ ହୋଇପାରିବ ନାହିଁ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସୁନ୍ନତ (କାର୍ଯ୍ୟ ପନ୍ଥା) ରୁ ପ୍ରମାଣିତ ଯେ ହଜୁର ସ:ଆ:ସ ରମ୍‌ଜାନ୍ ମାସରେ ଅତିକମ୍‌ରେ ଦଶଦିନ ମସ୍‌ଜିଦ୍‌ରେ ଏତେକାଫ୍ କରୁଥିଲେ । ସୁତରାଂ ହଦିସ୍‌ରେ ଆସୁଛି:

**ଅନ୍ ଆଇଶା..... କାନା ୟାତକିଫୁଲ୍ ଅଶ୍‌ରଲ୍ ଅଓ୍ୱାଖରା ମିନ୍ ରମଜାନା ହତ୍‌ତା ତଓ୍ୱଫ୍‌ଫହୁଲ୍ଲାହୁ *(ସହି ବୁଖାରୀ କିତାବୁଲ୍ ଏତେକାପ୍.... ଅଲ୍‌ମସାଜିଦ୍ କୁଲ୍ଲହା)*** ଅନୁବାଦ:- ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ନିଜର ମୃତ୍ୟୁ ପର୍ଯ୍ୟନ୍ତ ରମ୍‌ଜାନ ମାସରେ ଶେଷ ଦଶ ଦିନ ଏତେକାଫ୍ କରୁଥିଲେ ।

ସେହଭଳି ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ଯେଉଁଠି ରମ୍‌ଜାନ୍‌ର ବିଷୟଗୁଡ଼ିକ ବର୍ଣ୍ଣନା କରିଛନ୍ତି, ସେଠାରେ ଏତେକାଫ୍ ବିୟେରେ ଆଦେଶ ଦେଇ କହିଛନ୍ତି:

**ଓ୍ୱଲା ତୁବାଶିରୁହୁନ୍ନା ଓ୍ୱ ଅନ୍‌ତୁମ୍ ଆକିଫୁନା ଫିଲ୍ ମସାଜିଦ୍ *(ସୁରଃ ବକ୍‌ରା;୧୮୮)*** ଅର୍ଥାତ ରମ୍‌ଜାନ୍‌ରେ ଏତେକାଫ୍ କରିବା ସମୟରେ ପ୍ରଥମତଃ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବସବାସ କରିବାକୁ ଅନୁମତି ନାହିଁ ଦ୍ୱିତୀୟତଃ ଏତେକାଫ୍ ବସିବାର ସ୍ଥାନ ହେଉଛି ମସ୍‌ଜିଦ୍ ।

ହଦିସ୍‌ରେ ମଧ୍ୟ ଏହାର ସ୍ପଷ୍ଟିକରଣ ଆସିଛି ଯେ ରମ୍‌ଜାନ୍‌ର ଏତେକାଫ୍ ମସ୍‌ଜିଦ୍‌ରେ ହିଁ ହୋଇପାରିବ । ଅତଏବ୍ ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ: **ଅସ୍‌ସୁନ୍ନତୁ ଅଲଲ୍ ମୁତକିଫି....ଇଲ୍ଲା ଫି ମସ୍‌ଜିଦ୍‌ନ୍ ଜାମେଇନ୍ *(ସୁନନେ ଅବି ଦାଉଦ୍ କିତାବୁସ୍ ସୌମ୍ ବାବ ଅଲ୍‌ମୁତକିଫ୍ ୟଉଦୁଲ୍‌ମରିଜ୍)*** ଅନୁବାଦ: ମୋତକିଫ୍ ଅର୍ଥାତ ଏତେକାଫ୍‌ରେ ବସିବା ବ୍ୟକ୍ତିଙ୍କ ପାଇଁ ମସ୍‌ନୁନ୍ ଅର୍ଥାତ ନବୀ ସ:ଆ:ସଙ୍କ କାର୍ଯ୍ୟପନ୍ଥା ଅନୁସାରେ ଏ ଆଦେଶ ରହିଛି ଯେ ସେ ରୋଗୀ ସେବା ନ କରୁ, ଜନାଯାଃ ପଢ଼ିବାକୁ ନଯାଉ, ଏବଂ ନିଜ ପତ୍ନୀଙ୍କୁ ନ ଛୁଉଁ ଓ ନା ତା' ସହିତ ଶାରିରୀକ ସମ୍ବନ୍ଧ ରଖୁ ଓ ଜରୁରୀ ଆବଶ୍ୟକ ନଥିଲେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର)  Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ହଜୁର ଅନଓ୍ୱର ଅ:ବ:ଅ www.ahmadipedia.orgର ଶୁଭାରମ୍ଭ କଲେ । ସେଥିରେ ଜମାତ୍‌ର ପୁସ୍ତକ, ବ୍ୟକ୍ତିତ୍ୱ, ଘଟଣାବଳୀ ଏବଂ ବିଶ୍ୱାସ ଓ ପ୍ରଥା ଇତ୍ୟାଦି ମୌଳିକ ସୂଚନାମାନ ପ୍ରଦାନ କରାଯାଇଅଛି । କୌଣସି ବିଷୟବସ୍ତୁ ଉପରେ ଆପଣମାନେ ମଧ୍ୟ ନିଜର ସୂଚନା, ପ୍ରମାଣ ଏବଂ ଡ଼କ୍ୟୁମେଂଟ ସେଥିରେ ଉପଲବ୍ଧ କରାଇପାରିବେ ।**

ଅଲ୍‌ହମ୍‌ଦୋ ଲିଲ୍ଲାଃ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜୁଲାଇ ମାସ ୨ ତାରିଖ ୨୦୨୧ ମସିହା ପବିତ୍ର ଯୁମା ଦିନ ନମାଜ ଯୁମା ପରେ ଜମାତ୍ ଅହେମଦୀୟାର ଗୋଟିଏ ନୂଆ ୱେବ୍‌ସାଇଟ୍ www.ahmadipedia.org ର ଶୁଭାରମ୍ଭ କଲେ । ତାହାର ସବିଶେଷ ବିବରଣୀ ପ୍ରଦାନ କରି ହଜୁର ଅନଓ୍ୱର ଅ:ବ:ଅ ନିଜର ଖୁତ୍‌ବା ଯୁମାରେ କହିଲେ:

''ଗୋଟିଏ ଘୋଷଣା କରିବାକୁ ଚାହୁଁଛି । ତାହା ହେଉଛି ଏହା କି ଗୋଟିଏ ଅହେମଦୀୟା ଏନ୍‌ସାଇକ୍ଲୋପିଡ଼ିଆ ତିଆରି କରାଯାଇଅଛି, ତାହା ଆଜି ଲଂଚ କରାଯିବ । କେନ୍ଦ୍ରୀୟ ଅଭିଲେଖାଗାର ବିଭାଗ ଓ ଅନୁସନ୍ଧାନ ବିଭାଗ ଏହାକୁ ତିଆରି କରିଛି । ଏହି ୱେବ୍‌ସାଇଟ୍‌କୁ ଜମାତ୍‌ର ସଦସ୍ୟମାନଙ୍କ ପାଇଁ ଅନ୍‌ଲାଇନ୍ ଉପଲବ୍ଧ କରାଯାଉଅଛି । ସେଥିରେ ପ୍ରବେଶ www.ahmadipedia.org ମାଧ୍ୟରେ କରାଯାଇପାରିବ ଯେଉଁଠି ଗୋଟିଏ ସର୍ଚ୍ଚ ଇଞ୍ଜିନ୍ ଶୈଳୀରେ Homepageରେ ବିଷୟବସ୍ତୁଗୁଡ଼ିକୁ ଖୋଜିବା ପାଇଁ ଖୋଲିଯିବ । ଏହାକୁ ବହୁତ ସରଳ ଏବଂ ବ୍ୟବହାର କରିବା ପାଇଁ ସହଜ କରାଯାଇଅଛି । ପ୍ରତ୍ୟେକ ଇଂଟରଭ୍ୟୁ ସହିତ ସମ୍ବନ୍ଧିତ ୱେବସାଇଟ୍, ଭିଡ଼ିଓ ଏବଂ ଜମାତର ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଥିବା ବିଷୟବସ୍ତୁଗୁଡ଼ିକର ଲିଙ୍କ୍ ଉପଲବ୍ଧ କରାଯାଇଅଛି ଯଦ୍ୱାରା ସେହି ଉତ୍ସଗୁଡ଼ିକରୁ ବିସ୍ତୃତ ସୂଚନା ପ୍ରାପ୍ତ କରାଯାଇପାରିବ । ସବିଶେଷ ବିବରଣୀ ପାଇଁ ଦିଆଯାଇଥିବା ସେହି ଲିଙ୍କ୍‌ଗୁଡ଼ିକରୁ ଏ ଲାଭ ମଧ୍ୟ ମିଳିବ ଯେ ଜମାତ୍ ଅହେମଦୀୟାର ଅନ୍ୟ ୱେବସାଇଟଗୁଡ଼ିକ ପର୍ଯ୍ୟନ୍ତ ଉପଭୋକ୍ତାମାନେ ପ୍ରବେଶ କରିପାରିବେ ଫଳତ ସେମାନେ ସମସ୍ତ ଖବରକାଗଜ ଓ ପତ୍ରିକାଗୁଡ଼ିକରୁ ଲାଭ ଉଠାଇ ପାରିବେ । ସାରା ଦୁନିଆରେ ବ୍ୟାପି ଯାଇଥିବା ଜମାତ୍‌ର ଲୋକମାନଙ୍କ ନିକଟରେ ବହୁତ ଉପଯୋଗୀ ସୂଚନାମାନ ରହିଛି ଯାହା କୌଣସି ସ୍ଥାନରେ ରେକର୍ଡ଼ ହୋଇନାହିଁ । ଅହେମଦୀପିଡ଼ିଆର ୱେବ୍‌ସାଇଟ୍‌ରେ Contribute ନାମରେ ଗୋଟିଏ ଅପ୍‌ସନ୍ ମଧ୍ୟ ଦିଆଯାଇଅଛି ଯେଉଁଠି ସେମାନେ କୌଣସି ବିଷୟ ଉପରେ ନିଜର ସୂଚନା, ପ୍ରମାଣ କିମ୍ବା ଦଲିଲ୍ ଯୋଗାଇ ପାରିବେ । ଏପରି ନୁହେଁ କି ନିଜେ ତାହାକୁ ସିଧାସଳଖ ରଖିଦେବେ ବରଂ ସେଗୁଡ଼ିକୁ ସେ ଇନ୍‌ତେ ଜାମିଆ ଅର୍ଥାତ ପରିଚାଳକ ଓ ବ୍ୟବସ୍ଥାପକଙ୍କୁ ଯୋଗାଇ ଦେବେ । ଯୋଗାଇ ଦିଆଯାଇଥିବା ବିଷୟବସ୍ତୁ ଗୁଡ଼ିକର ଅନୁସନ୍ଧାନ ଓ ଯାଂଚ ପରେ ତାହାକୁ ସମ୍ବନ୍ଧିତ ବିଷୟବସ୍ତୁଗୁଡ଼ିକର ଏଂଟ୍ରିରେ ଅନ୍ତର୍ଭୁକ୍ତ କରିଦିଆଯିବ । ଏହିପରି ଏହି ୱେବସାଇଟ୍ ସମସ୍ତ ଜମାତ୍‌ର ସହଯୋଗରେ ଜାରି ରହିଥିବା ଏକ ପ୍ରକଳ୍ପ ହେବ ଏବଂ ଇନ୍‌ଶାଅଲ୍ଲାଃ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଲାଭଦାୟକ ହେବ । ଯଦି କାହାକୁ ଏହି ୱେବ୍‌ସାଇଟ୍‌ରେ ଚାହୁଁଥିବା ବିଷୟବସ୍ତୁ ନ ମିଳେ ତା'ହେଲେ ସେ ଅହେମଦୀପିଡ଼ିଆ ସହିତ ଯୋଗାଯୋଗ କରିପାରିବେ । ପୁଣି ଏମାନେ ୱେବ୍‌ସାଇଟ୍‌ରେ ଆବଶ୍ୟକ ବିଷୟବସ୍ତୁକୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ । ଯଦିଓ ଏହି ସମସ୍ତ ସୂଚନା ବିଶ୍ୱସନୀୟ ମାଧ୍ୟମ ଦ୍ୱାରା ଯୋଗାଇ ଦିଆଯାଇଅଛି । ଏହା ସତ୍ତ୍ୱେ ମଧ୍ୟ ଯଦି କୌଣସି ଉପଭୋକ୍ତାଙ୍କ ନିକଟରେ ଏପରି ତଥ୍ୟ ଥିବ ଯାହା କୌଣସି ସୂଚନାର ବିପରୀତ ଥିବ ତା'ହେଲେ ସେ ଆମକୁ ଏପରି ତଥ୍ୟ ଯୋଗାଇ ଦିଅନ୍ତୁ ଯଦ୍ୱାରା ଯାଂଚ ପଡ଼ତାଲ କରିବା ପରେ ଜମାତ୍‌ର ଇତିହାସକୁ ପ୍ରାମାଣିକ ଭାବରେ ସୁରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯାଇପାରିବ । ଏହି ୱେବ୍‌ସାଇଟକୁ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରୀୟ ଆଇ.ଟି ବିଭାଗ ସମସ୍ତ ଯାନ୍ତ୍ରିକ ପଦକ୍ଷେପ ବହୁତ ସୁନ୍ଦର ଓ ଉତମ ଭାବରେ ସମ୍ପାଦନ କରିଛନ୍ତି ଏବଂ ଆଇ.ଟି ବିଭାଗ ଏଥି ସକାଶେ ବହୁତ ପରିଶ୍ରମ କରିଛି । ସେଥିରେ ତାଙ୍କର ସ୍ଥାୟୀ କର୍ମୀମାନଙ୍କ ବ୍ୟତୀତ ସ୍ୱେଚ୍ଛାସେବୀମାନେ ମଧ୍ୟ ସାମିଲ ହୋଇଛନ୍ତି । ବିଷୟବସ୍ତୁଗୁଡ଼ିକର ପ୍ରସ୍ତୁତି ନିମନ୍ତେ କେନ୍ଦ୍ରୀୟ ଅଭିଲେଖାଗାର ବିଭାଗର ମୂରବୀମାନେ ବହୁତ ପରିଶ୍ରମ କରିଛନ୍ତି । ଏହି ୱେବ୍‌ସାଇଟର ପ୍ରସ୍ତୁତି ନିମନ୍ତେ ଯେଉଁମାନେ କାମ କରିଛନ୍ତି ଅଲ୍ଲାଃ ତାଲା ସେ ସମସ୍ତଙ୍କୁ ଏହାର ପୂଣ୍ୟ ଫଳ ପ୍ରଦାନ କରନ୍ତୁ । ଯୁମା ନମାଜ ପରେ ଆଜି ଇନ୍‌ଶାଅଲ୍ଲାଃ ମୁଁ ତାହାର ଲଂଚ କରିବି ।''

ଯୁମା ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ତାହାକୁ ଲଂଚ କଲେ ଏବଂ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଅହେମଦୀମାନେ ଏମ୍.ଟି.ଏର ସିଧାପ୍ରସାରଣ ଜରିଆରେ ନୀରବ ପ୍ରାର୍ଥନାରେ ସାମିଲ ହେଲେ । ପ୍ରାର୍ଥନା କରୁଅଛୁ ଯେ ଅଲ୍ଲାଃ ତାଲା ଏହି ନୂଆ ୱେବ୍‌ସାଇଟ୍‌ର ଶୁଭାରମ୍ଭକୁ ଜମାତ୍ ନିମନ୍ତେ ପ୍ରତିକ୍ଷେତ୍ରରୁ ବାବର୍‌କତ୍ (ମଙ୍ଗଳମୟ) କରନ୍ତୁ । ଆମିନ୍ (କାର୍ଯ୍ୟାଳୟ)

**ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ଆନୁକୂଲ୍ୟରେ ଏକ ଦିନିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ପ୍ରତ୍ୟକ୍ଷ ଉପସ୍ଥିତି**

୦୪ ଜୁଲାଇ ୨୦୨୧ ଦିନ ୱ୍ୱିର୍ ଲି ଇବେ ସ୍କୁଲ୍ ଟିଲ୍‌ଫୋର୍ଡ଼ଠାରେ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ତରଫରୁ ଏକ ଦିନିକିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ କରାଗଲା । ଏହି ଖେଳକୁ କୋରୋନା ଏସ୍ ଓ ପିଜ୍ ର ଧ୍ୟାନ ରଖାଯାଇ ଅନୁଷ୍ଠିତ କରାଗଲା । ସେଥିରେ ସାମିଲ୍ ହେବି ପାଇଁ ଭାକ୍ସିନେଶନ୍‌ର ଦୁଇଟିଯାକ ଟିକା ଲଗାଇବା, କୋରୋନା ପରୀକ୍ଷା ନେଗେଟିଭ୍ ଥିବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ଜରୁରୀ ସର୍ତାବଳୀ ଥିଲା । ଏହି ଖେଳ ଅନୁଷ୍ଠିତ କରିବାର ଉଦ୍ଦେଶ୍ୟ Mercy & Mankind ନାମରେ ମାନବସେବା ପାଇଁ ଚାନ୍ଦା ଏକାଠି କରିବାର ଥିଲା ।

ମୋକରମ୍ ସଦର୍ ସାହେବ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍‌ଙ୍କ ଅନୁରୋଧକୁ ଦୟା ପରବଶ ଗ୍ରହଣ କରି ହଜୁର ଅ:ବ:ଅ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ପହଂଚିଲେ । ଖୁଦ୍ଦାମ ପିଲାମାନଙ୍କ ମଧ୍ୟରେ ହୋଇଥିବା ଦୌଡ଼ିଟଣା ପ୍ରତିଯୋଗିତାର ଫାଇନାଲ ଓ ପୁଣି ସ୍ଲୋ ସାଇକେଲିଙ୍ଗ ପ୍ରତିଯୋଗିତାକୁ ହଜୁର ଅନଓ୍ୱର ଦେଖିଲେ । ମସ୍‌ରୁର୍ ରିଜିଅନ୍ ସହିତ ସମ୍ବନ୍ଧ ରଖିଥିବା ଖାଦିମ୍ ଜାଯିବ୍ ଚିମା ସାହେବଙ୍କୁ ସ୍ଲୋ ସାଇକେଲ୍ ପ୍ରତିଯୋଗିତାରେ ଜିତିବା ଯୋଗୁଁ ହଜୁର ଅନଓ୍ୱର ଅ:ବ:ଅ ଉତ୍ସାହିତ କଲେ ଏବଂ ତାଙ୍କ ନାମ ପଚାରି ବୁଝିଲେ ।

ତା'ପରେ ରିଜିଓନଲ୍ କାଏଦ୍ ଏବଂ ନ୍ୟାଶ୍‌ନାଲ୍ ଅମେଲାର ସଦସ୍ୟମାନଙ୍କ ମଧ୍ୟରେ ଦୌଡ଼ିଟଣାର ପ୍ରଦର୍ଶନୀ ପ୍ରତିଯୋଗିତା ହେଲା । ହଜୁର ଅନଓ୍ୱର ଅ:ବ:ଅ ଦୟାପୂର୍ବକ ପ୍ରତିଯୋଗିତା ଚାଲିଥିବା ସମୟରେ କହିଲେ ଯେ ରିଜିଓନାଲ୍ କାଏଦିନ୍ ଯଦି ଟିକିଏ ବସି ରହିବେ ତା'ହେଲେ ଜିତିଯିବେ । ଅତଏବ ସେହିପରି ହେଲା ଏବଂ ରିଜିଓନଲ୍ କାଏଦିନ୍ ଟିମ୍ ଏହି ପ୍ରତିଯୋଗିତାକୁ ବାଜି ମାରିନେଲା ।

ପ୍ରାୟ ସାତଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ପୁଣି ଇସ୍‌ଲାମାବାଦ୍ ଲେଉଟି ଆସିଲେ । ମାର୍ଚ୍ଚ ୨୦୨୦ ଠାରୁ କୋରନା ଲକ୍‌ଡ଼ାଉନ୍ ଲଗାଯିବା ପରଠରୁ ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଏପରି କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଯୋଗ ଦେଇଥିଲେ ।

ନୋମାନ୍ ଅହ୍‌ମଦ୍ ମଜ୍‌ଲିସଦ୍ ମଟମପାର୍କ, ଶରିଫ୍ ରିଜିଅନ୍ ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ ଯେ ଅଲ୍‌ହମ୍‌ଦୋଲିଲ୍ଲାଃ ବହୁ ଦିନ ପରେ ଆମ ପ୍ରୀୟ ହଜୁର ଆମ ଗହଣରେ ବିରାଜମାନ ହେଲେ । ହଜୁର ଅନଓ୍ୱର ଅ:ବ:ଅ ଯେତେବେଳେ ପଦାର୍ପଣ କଲେ ସେତେବେଳେ ଏପରି ଅନୁଭବ ହେଉଥିଲା ଯେ ଫରିସ୍ତାମାନଙ୍କର ଏକ ଦଳ ଆମ କାର୍ଯ୍ୟକ୍ରମରେ ସାମିଲ ହୋଇଯାଇଛି । ମୁଁ ନିଜକୁ ଯେତେବେଳେ ଦେଖୁଛି ମୁଁ ଏ ଯୋଗ୍ୟ ବୋଲି ମନେ କରୁନାହିଁ । କିନ୍ତୁ ଆମ ପ୍ରୀୟ ହଜୁର, ସାରା ଦୁନିଆର ଇମାମ୍ ଏବଂ ଯୁଗ ଖଲିଫା ଆମ ଗହଣରେ ବିରାଜମାନ ଥିଲେ । ଏକଥାକୁ ଚିନ୍ତା କରି ମୁଁ ଖୁବ୍ ଇସ୍‌ତେଗ୍‌ଫାର୍ କରୁଥିଲି । ମୋ ମନୋଭାବକୁ ବ୍ୟକ୍ତ କରିବା ପାଇଁ ମୋ ନିକଟରେ ଶବ୍ଦ ନାହିଁ ।

ଅଲ୍ଲାଃ ତାଲା ପ୍ରୀୟ ଆକାଙ୍କର ପ୍ରତି କ୍ଷଣ ସମର୍ଥକ ଓ ସାହାଯ୍ୟକାରୀ ହୁଅନ୍ତୁ ଏବଂ ରୁହୁଲ୍ କୁଦୁସ୍‌ଙ୍କ ଜରିଆରେ ପ୍ରତ୍ୟେକ ମୁହୂର୍ତ ସାହାଯ୍ୟ ଓ ସମର୍ଥନ କରିଚାଲନ୍ତୁ । ଆମିନ୍ । ***(ୱେବ୍‌ସାଇଟ ଅଲ୍‌ଫଜଲ୍ ଇଂଟର ନ୍ୟାସନାଲ ଲଣ୍ଡନକୁ ଧନ୍ୟବାଦ)***

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 05 Aug 2021 Issue No. 31

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.575/- (Per Issue:Rs.10/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୭ ଅକ୍ଟୋବର ୨୦୧୯ (ରବିବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬:୧୫ ମିନିଟରେ ମସ୍‌ଜିଦ୍ ବିଶାରତ୍ ଓସନାବର୍କ ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନିଜ ପ୍ରୀୟ ଆକାଙ୍କ ନେତୃତ୍ୱରେ ନମାଜ ପାଠ କରିବାପାଇଁ ଯମାତ୍‌ର ବହୁ ସଂଖ୍ୟକ ଲୋକେ ପ୍ରତ୍ୟୁଷ ଚାରିଟା ବେଳୁ ମସ୍‌ଜିଦ୍‌ରେ ପହଂଚିବା ଆରମ୍ଭ କରିଦେଇଥିଲେ । ଠିକ୍ ୪:୩୦ ପର୍ଯ୍ୟନ୍ତ ମସ୍‌ଜିଦ୍ ଏବଂ ମସ୍‌ଜିଦ୍ ର ବାହ୍ୟ ପ୍ରାଙ୍ଗଣରେ ଲଗା ଯାଇଥିବା ସାମିୟାନାଗୁଡ଼ିକ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ଭରିଯାଇଥିଲା । ଏମାନେ ସମସ୍ତେ ହଜୁରଙ୍କ ପଛରେ ଫଜର ନମାଜ ପାଠ କଲେ ।

ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସସ୍ଥଳୀକୁ ଚାଲିଗଲେ । ଆଜି ପ୍ରୋଗ୍ରାମ ମୁତାବକ ଏଠାରୁ ବ୍ରେସେଲ୍‌ସ (ବେଲ୍‌ଜିୟମ୍) ରାସ୍ତା ଦେଇ ଇସ୍‌ଲାମାବାଦ୍ ୟୁ.କେ ଯାତ୍ରା କରିବାର ଥିଲା ।

ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଯମାତ୍‌ର ଆବାଳବୃଦ୍ଧବନିତା ସକାଳୁ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଏକାଠି ହେବା ଆରମ୍ଭ କରିଦେଇଥିଲେ । ଠିକ୍ ୧୦:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ପ୍ରୋଗ୍ରାମ ମୁତାବକ ଓସନାବର୍କ ଯମାତ୍‌ର ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ମଜ୍‌ଲିସ୍ ଅତ୍‌ଫାଲୁଲ୍ ଅହେମଦିୟା ଓସନାବର୍କ ଏ ବର୍ଷ ପୁରସ୍କାର ମୂଳକ ଧ୍ୱଜା ପ୍ରାପ୍ତ କରିଥିଲା ସେମାନେ ନିଜର ପୁରସ୍କାର ମୁଳକ ଧ୍ୱଜାକୁ ଧରି ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମୟରେ ଛୋଟ ଛୋଟ ପିଲାମାନେ ଧାଡ଼ିରେ ଛିଡ଼ା ହୋଇଥିଲେ, ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମହିଳାମାନଙ୍କ ଆଡ଼କୁ ଗଲେ ଓ ସେଠାରେ ଛୋଟ ଛୋଟ ଝିଅ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଏହି ସମୟରେ ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରୁଥିଲେ ।

ଠିକ୍ ୧୦:୩୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଓ ହଜୁରଙ୍କ କାଫିଲାଟି ବ୍ରେସେଲ୍‌ସ (ବେଲ୍‌ଜିୟମ୍) ନିମନ୍ତେ ଯାତ୍ରା କଲା । ଜର୍ମାନୀର ଗୋଟିଏ ଗାଡ଼ି କାଫିଲାକୁ ଏସ୍‌କର୍ଟ କରୁଥିଲା ଓ ଖୁଦାମମାନଙ୍କର ଅନ୍ୟ ଗାଡ଼ିଗୁଡ଼ିକ କାଫିଲାର ପଛେ ପଛେ ଯାଉଥିଲେ ।

ଓସନାବର୍କଠାରୁ ବେଲ୍‌ଜିୟମ୍‌ର ଦୁରତା ହେଉଛି ୩୮୯ କିଲୋମିଟର, ଜର୍ମାନୀ ମଧ୍ୟରେ ୯୪ କିଲୋମିଟର ଯାତ୍ରା କରିବା ପରେ ସୀମା ଅତିକ୍ରମ କରି ହଲାଣ୍ଡ ଦେଶରେ ପ୍ରବେଶ କଲେ ଓ ପୁଣି ହଲାଣ୍ଡ ମଧ୍ୟରେ ୧୯୫ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ବେଲ୍‌ଜିୟମ ଦେଶର ସୀମା ମଧ୍ୟରେ ପ୍ରବେଶ କଲେ ପୁଣି ଆଉ ୧୦୦ କିଲୋମିଟର ରାସ୍ତା ଅତିକ୍ରମ କରିବାପରେ ଠିକ୍ ୨:୨୦ ମିନିଟରେ ଅହେମଦୀୟା ମିଶନ୍ ହାଉସ୍ ବଇତୁସ୍ ସଲାମ୍ (ବ୍ରେସେଲ୍‌ସ) ଠାରେ କାଫିଲା ପହଂଚିଲା । ବେଲ୍‌ଜିୟମ୍‌ର ବିଭିନ୍ନ ଯମାତ୍ ଗୁଡ଼ିକରୁ ଆସିଥିବା ପୁରୁଷ ଏବଂ ମହିଳା ସଦସ୍ୟଗଣ ଏବଂ ନ୍ୟାସନାଲ୍ ଆମେଲାର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କର ଉତ୍ସାହପୂର୍ଣ୍ଣ ସ୍ୱାଗତ କଲେ । ପ୍ରତ୍ୟେକ ଲୋକ ପ୍ରୀୟ ଆକାଙ୍କୁ ଦର୍ଶନ କରି ଆନନ୍ଦିତ ହେଉଥିଲେ ଓ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଉଥିଲେ ।

ମରାକିସ୍ ଦେଶ ସହିତ ସମ୍ବନ୍ଧ ରଖିଥିବା ଜଣେ ବାଳକ ଅଜିଜମ୍ ଅନିସ୍ ବସାଇ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଫୁଲତୋଡ଼ା ଅର୍ପଣ କଲେ । ସେହିପରି ଅଜିଜା ଆଇଶା ବୁଶ୍‌ରା ହଜ୍‌ରତ୍ ବେଗମ୍ ସାହିବାଙ୍କ ଗୋଚରେ ଫୁଲତୋଡ଼ା ପେଶ୍ କଲେ ।

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ବେଲ୍‌ଜିୟମ୍‌ର ଅମୀର ସାହେବ ଡ଼ା. ଇଦ୍‌ରିସ୍ ଅହେମଦ୍ ସାହେବ୍, ମୁବ୍‌ଲିଗ୍ ଇନ୍‌ଚାର୍ଜ ବେଲ୍‌ଜିୟମ୍ ହାଫିସ୍ ଏହ୍‌ସାନ୍ ସିକନ୍ଦର ସାହେବ୍ ଏବଂ ଜେନେରାଲ୍ ସେକ୍ରେଟାରୀ ବେଲ୍‌ଜିୟମ୍ ଅସଦ୍ ମୁଜିବ୍ ସାହେବ ଏବଂ ସଦର ଖୁଦାମୁଲ୍ ଅହେମଦିୟା ଯନାବ ତୌସିଫ୍ ଅହେମଦ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କଲେ ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମିଶନ୍ ହାଉସ୍‌ରେ ଥିବା ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୨:୪୫ ମିନିଟରେ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ ପୁଣି ନମାଜ ପରେ ଆବାସସ୍ଥଳୀକୁ ଚାଲିଗଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୪;୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ।

ମୋକରମ୍ ଅମୀର ଯମାତ୍ ଅହେମଦୀୟା ଜର୍ମାନୀ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍, ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ ମୁକରମ୍ ସଦାକତ୍ ଅହେମଦ୍ ସାହେବ୍, ଜେନେରାଲ୍ ସେକ୍ରେଟାରୀ ମୁକମର୍ ଇଲିଆସ୍ ମଜୁଗେ ସାହେବ୍, ମୋକରମ୍ ଡ଼ାକ୍ତର ଅତ୍‌ହର୍ ଜୁବୈର୍ ସାହେବ୍, ମୋକରମ୍ ଅବ୍‌ଦୁଲ୍ଲାଃ ସପର୍‌ଆ ସାହେବ୍ ଏବଂ ମୋକରମ୍ ସଦର୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ନିଜ ଖୁଦାମ୍‌ଙ୍କ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅ ସଙ୍ଗେ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଜର୍ମାନୀରୁ ଆସିଥିବା ଖୁଦାମୁଲ୍ ଅହେମଦୀୟାର ସିକ୍ୟୁରିଟି ଟିମ୍ ନିଜ ପ୍ରିୟ ଆକାଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମହିଳାମାନଙ୍କ ଆଡ଼କୁ ଗଲେ ଯେଉଁଠି ମହିଳାମାନେ ହଜୁରଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଠିକ୍ ୪:୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ସାମୁହିକ ପ୍ରାର୍ଥନା କରାଇଲେ ତା'ପରେ ପ୍ରୋଗ୍ରାମ ମୁତାବକ ଏଠାରୁ ଫ୍ରାନ୍ସର ବନ୍ଦର Calais ଆଡ଼କୁ ଯାତ୍ରା ଆରମ୍ଭ ହେଲା ଏବଂ ଠିକ୍ ୬:୩୦ ମିନିଟରେ କାଫିଲା ଯାଇ Channel Tunnel ରେ ପହଂଚିଲା । ଜର୍ମାନୀରୁ ସାଥିରେ ଆସିଥିବା ସଦସ୍ୟମାନେ ଏବଂ ଖୁଦାମ୍‌ର ସିକ୍ୟୁରିଟି ଟିମ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଚ୍ୟାନେଲ୍ ଟନଲ୍ ପର୍ଯ୍ୟନ୍ତ ଛାଡ଼ିବା ପାଇଁ ଏବଂ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ କାଫିଲା ସହିତ ଆସିଥିଲେ । ସେହିଭଳି ବେଲ୍‌ଜିୟମ୍‌ରୁ ଅମୀର ସାହେବ ବେଲ୍‌ଜିୟମ୍, ମୋକରମ୍ ଅସଦ୍ ମୁଜିବ୍ ସାହେବ୍ ମୁବ୍‌ଲିଗ୍ ସିଲ୍‌ସିଲା ଓ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ହାଫିଜ୍ ଏହ୍‌ସାନ୍ ସିକନ୍ଦର ସାହେବ ମୁବଲିଗ୍ ଇନ୍‌ଚାର୍ଜ ବେଲ୍‌ଜିୟମ୍, ରାଜା ଅବ୍‌ଦୁଲ୍ଲ ଲତିଫ୍ ସାହେବ୍ ନ୍ୟାସନାଲ୍ ସେକ୍ରେଟାରୀ ଜାଏଦାଦ୍, ହାମିଦ୍ ମେହ୍‌ମୁଦ୍ ଶାହ ସାହେବ୍ ପୂର୍ବତନ ଅମୀର ଜମାତ ଅହେମଦୀୟା ବେଲ୍‌ଜିୟମ୍, ଆରବର ଜଣେ ନୂଆ ଅହେମଦୀ ଶ୍ରୀମାନ୍ ଇଦ୍‌ରିସ୍ ଗର୍ବୁଜ୍ ସାହେବ୍ ଏବଂ ମୋକରମ୍ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ତୌସିଫ୍ ଅହେମଦ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏଠାରୁ ଲଣ୍ଡନ ନିମନ୍ତେ ବିଦାୟ ଦେବାପାଇଁ କାଫିଲା ସହିତ ଆସିଥିଲେ ।

ପାସ୍‌ପୋର୍ଟ, ଇମିଗ୍ରେସନ୍ ଏବଂ ଅନ୍ୟାନ୍ୟ କାଗଜ ପତ୍ର କ୍ଲିୟରାନ୍ସ କରିବା ପରେ ଠିକ୍ ୭:୧୫ ମିନିଟରେ କାଫିଲାର ଗାଡ଼ି ଗୁଡ଼ିକ ଟ୍ରେନ ଉପରେ ବୋର୍ଡ଼ କରାଗଲା ଏବଂ ଏହି ଟ୍ରେନ୍‌ଟି ଠିକ୍ ୭ ଟା ବାଜି ୨୦ ମିନିଟରେ କାଲାଇସ୍‌ଠାରୁ ବ୍ରିଟେନ୍‌ର ସମୁଦ୍ରତଟ ସହର Dover ଆଡ଼କୁ ଯାତ୍ରା ଆରମ୍ଭ କଲା । ପ୍ରାୟ ୩୫ ମିନିଟ ଯାତ୍ରା କରିବା ପରେ ଟ୍ରେନ୍‌ଟି Channel Tunnel ପାର ହୋଇ Dover ନିକଟରେ ବ୍ରିଟେନ୍‌ର ଭୁଖଣ୍ଡରେ ପ୍ରବେଶ କଲା ଏବଂ ନିଜର ବିଶେଷ ଷ୍ଟେସନରେ ଯାଇ ରହିଗଲା । ପ୍ରାୟ ୫ ମିନିଟ୍‌ର ରହଣୀ ପରେ ଫ୍ରାନ୍ସର ସମୟ ମୁତାବକ ଠିକ୍ ୮ଟା ବେଳେ ଓ ବ୍ରିଟେନ୍‌ର ସମୟ ମୁତାବକ ଠିକ୍ ୭ଟା ବେଳେ କାଫିଲାର ଗାଡ଼ି ଗୁଡ଼ିକ ଟ୍ରେନ୍‌ରୁ ବାହାର କରାଗଲା ଓ ମୋଟର ଓ୍ୱେ ଉପରେ ଯାତ୍ରା ଆରମ୍ଭ ହେଲା । (ବ୍ରିଟେନ୍‌ର ସମୟ ଫ୍ରାନ୍ସର ସମୟ ଠାରୁ ଏକ ଘଂଟା ପଛୁଆ)

ମୋକରମ୍ ରଫିକ୍ ଅହେମଦ୍ ହୟାତ୍ ସାହେବ୍ ଅମୀର ଯମାତ୍ ୟୁକେ, ମୋକରମ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ ମୁବ୍‌ଲିଗ୍ ଇନ୍‌ଚାର୍ଜ ୟୁକେ, ମୋକରମ୍ ମିର୍ଜା ନାସିର୍ ଇନ୍‌ଆମ୍ ସାହେବ୍ ପ୍ରିନ୍ସପାଲ୍ ଜାମିୟା ଅହେମଦିୟା ୟୁକେ, ମୋକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ ଆଡ଼ିସନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ, ମୋକରମ୍ ଏଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ (ଓ୍ୱକାଲତେ ତବ୍‌ଶିର୍ ଲଣ୍ଡନ କାର୍ଯ୍ୟାଳୟ), ମୋକରମ୍ ଅବ୍‌ଦୁଲ୍ କୁଦୁସ୍ ଆରିଫ୍ ସାହେବ୍ ସଦର୍ ଖୁଦାମୁଲ୍ ଅହେମଦିୟା ୟୁକେ, ମୋକରମ୍ ନଶିରୁଦ୍ଦିନ୍ ହୁମାୟୁ ସାହେବ୍ (ବିଶେଷ ସୁରକ୍ଷା ବଳ ବିଭାଗ) ନିଜ ସିକ୍ୟୁରିଟି ଟିମ୍‌ଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ସେଠାରେ ଉପସ୍ଥିତ ଥିଲେ ।

ପ୍ରାୟ ୧:୪୦ ମିନିଟ ଯାତ୍ରା କରିବା ପରେ ସନ୍ଧ୍ୟା ୮:୪୦ ମିନିଟରେ ହଜୁରଙ୍କର ଏହି କାଫିଲା ଇସ୍‌ଲାମାବାଦ୍ ୟୁକେ ଠାରେ ପହଂଚିଲା ଯେଉଁଠି ଯମାତ୍‌ର ପୁରୁଷ ଓ ମହିଳାମାନଙ୍କର ଗୋଟିଏ ବହୁତ ବଡ଼ ସଂଖ୍ୟା ନିଜ ପ୍ରିୟ ଆକାଙ୍କୁ ଅହ୍‌ଲଉଁ ଓ୍ୱ ସହଲଉଁ ଓ୍ୱ ମର୍‌ହବା କହି ସ୍ୱାଗତ ଜଣାଇଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଆବାସସ୍ଥଳୀର ବାହ୍ୟ ପ୍ରାଙ୍ଗଣକୁ ସୁନ୍ଦର ପତାକା ଦ୍ୱାରା ସୁସଜ୍ଜିତ କରାଯାଇଥିଲା ।

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ମୋକରମ୍ ଅମୀର ସାହେବ ୟୁକେ ରଫିକ୍ ଅହେମଦ୍ ହୟାତ୍ ସାହେବ ଏବଂ ମୁବଲିଗ୍ ଇନ୍‌ଚାର୍ଜ ୟୁକେ ମୋକରମ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପାଇଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ବହୁତ ପ୍ରେମ ଓ ସ୍ନେହର ସହିତ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ତା'ପରେ ହଜୁର ନିଜ ଆବସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ସାଥିରେ ଯେଉଁ ସୌଭାଗ୍ୟଶାଳୀ ଲୋକମାନଙ୍କୁ ଏହି ଗସ୍ତରେ ଯିବାପାଇଁ ସୌଭାଗ୍ୟ ମିଳିଥିଲା ସେମାନଙ୍କର ନାମ ରେକର୍ଡ଼ ରଖିବା ପାଇଁ ନିମ୍ନରେ ଦରଜ କରାଗଲା ।

ହଜ୍‌ରତ୍ ସୟଦାଃ ଅମତୁସ୍ ସବୁହ୍ ସାହିବା ମଦ୍ ଜିଲ୍ଲହାଲ୍ଲାହୁ ତାଆଲା (ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପତ୍ନୀ)

✲ ମୋକରମ୍ ମୁନୀର୍ ଅହ୍‌ମଦ୍ ଜାଓ୍ୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ)

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan